ଧରିତ୍ରୀ
DHARITRI
March 27- April 02, 2022 ₹ 2/-

# ଛୁଟିଦିନ



# ପଣା

ଓଡ଼ିଆଙ୍କ ପ୍ରିୟ ପଣା କେବଳ ଏକ ପାନୀୟ ନୁହେଁ। କେବେ ଏହା ଧାର୍ମିକ ଭାବନା ସହ ଜଡିତ ତ କେବେ ସାଜେ ତୃଷା ନିବାରକ, ଶକ୍ତି ପ୍ରଦାୟକ। ଆଉ ସ୍ୱାସ୍ଥ୍ୟ ପାଇଁ ତ ଏହା ଅମୃତ ତୁଲ୍ୟ ...

୩
ପ୍ରଚ୍ଛଦ ପ୍ରସଙ୍ଗ

# ବାସ୍ତୁ ଅନୁସାରେ ଶୌଚାଳୟ

ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ଦକ୍ଷିଣ କିମ୍ବା ଦକ୍ଷିଣ-ପଶ୍ଚିମ କୋଣରେ ଶୌଚାଳୟ ରହିବା ଶୁଭ ହୋଇଥାଏ। ଏହାଦ୍ୱାରା ଘର ଉପରେ ଅନେକ ସୁ-ପ୍ରଭାବ ପଡିଥାଏ ବୋଲି ବିଶ୍ୱାସ କରାଯାଏ। ତେବେ ଅନ୍ୟ କୌଣସି ଦିଗରେ ଶୌଚାଳୟ କଲେ କ'ଣ ସବୁ ସମସ୍ୟା ଉପୁଜିଥାଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ...



*କୁହାଯାଏ, ଘରର ପୂର୍ବ ଦିଗରେ ଶୌଚାଳୟ ଥିଲେ ପରିବାର ସଦସ୍ୟଙ୍କୁ ସବୁବେଳେ ଥକ୍କାପଣ ଅନୁଭବ ହୋଇଥାଏ। ତା'ସହିତ ସମ୍ପର୍କରେ ମଧ ଫାଟ ସୃଷ୍ଟି ହେବାର ଆଶଙ୍କା ଦେଖାଯାଇଥାଏ।

* ଦକ୍ଷିଣ-ପଶ୍ଚିମ କୋଣରେ ଶୌଚାଳୟ ଗଢିହେବ କିନ୍ତୁ ପଶ୍ଚିମ ଦିଗରେ ଶୌଚାଳୟ ରହିବା ଆଦୌ ଭଲ ନୁହେଁ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଏହାଦ୍ୱାରା ଘରେ ଅଶାନ୍ତି ଉପୁଜିଥାଏ ବୋଲି କୁହାଯାଏ।

* ସେହିପରି ଉତ୍ତର ଦିଗରେ ଶୌଚାଳୟ ରହିବା ଠିକ୍ ନୁହେଁ। କୁହାଯାଏ, ଏହି ଦିଗରେ ଶୌଚାଳୟ ରହିଲେ ଘରର ସଦସ୍ୟଙ୍କ ରୋଜଗାର ଉପରେ ଏହାର କୁ-ପ୍ରଭାବ ପଡିଥାଏ। ଯଦ୍ୱାରା ଧନହାନି ହେବାର ଆଶଙ୍କା ଦେଖାଯାଇଥାଏ।

*ଶୌଚାଳୟ ପାଇଁ ଉତ୍ତର-ପୂର୍ବ କୋଣ ମଧ ଠିକ୍ ନୁହେଁ। ଏହାର ପ୍ରଭାବ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡିଥାଏ ବୋଲି ବିଶ୍ୱାସ କରାଯାଏ।

*ଏଥିସହିତ ଧ୍ୟାନ ରଖିବେ, ଶୌଚାଳୟ କେବେ ବି ଭୁଲରେ ଯେମିତି ରୋଷେଇ ଘରର ସମ୍ମୁଖରେ ନଥିବ, କାରଣ ଏହାଦ୍ୱାରା ଘରେ ଅଭାବ ଅନଟନ ଲାଗି ରହିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୨୭ - ଏପ୍ରିଲ ୨

**ମେଷ**



ଯାତ୍ରା ପ୍ରୀତିପ୍ରଦ ରହିବ, ସଠିକ୍ ନିଷ୍ପତି ନେବେ, ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ଦିଗଟି ଭଲ ରହିବ। ଋଣ ପରିଶୋଧ କରିବେ, ବନ୍ଧୁଙ୍କ ଆଚରଣରେ ସନ୍ଦେହ, ସାହିତ୍ୟ ସଙ୍ଗୀତରେ ସୁନାମ, ଜମିଜମା ବିବାଦ, ସମସ୍ୟା ସମାଧାନ, ପରିବାରରେ ଉଚିତ୍ ବୁଝାମଣା ॥

**ବୃଷ**




ପାରିବାରିକ ସମସ୍ୟା, ସତର୍କତା ଅବଲମ୍ବନୀୟ, ବିବାଦଗ୍ରସ୍ତ ହୋଇପାରନ୍ତି, ମୂଲ୍ୟବାନ ଦ୍ରବ୍ୟ ଲାଭ, କାମ ଉତ୍ସାହପ୍ରଦ ହେବ। ବନ୍ଧୁଙ୍କ ସହାନୁଭୂତି, ମନୋରଞ୍ଜନ କାର୍ଯ୍ୟରେ ରୁଚି, ସାମାଜିକ ସମ୍ମାନ ॥

**ମିଥୁନ**



ପ୍ରତିକୂଳ ପରିସ୍ଥିତି, ବିଭିନ୍ନ ଦିଗରୁ ରୋଜଗାର, ସାମ୍ବାଦିକତାରୁ ପ୍ରଶଂସା, ପ୍ରଶାସନିକ ସ୍ତରରେ ସମସ୍ୟା। ପାରିବାରିକ ସହମତି, ଶତ୍ରୁତାରସମାଧାନ, ବନ୍ଧୁଙ୍କ ସହଯୋଗ, ମାନସିକ ଅବସାଦ, ଦୂରାଗତ ବନ୍ଧୁଙ୍କ ସାନ୍ନିଧ୍ୟ ॥

**କର୍କଟ**



ସଫଳତା ନିଶ୍ଚିତ, ଭୋଗ ବିଳାସ, ସମ୍ପର୍କ ଯୋଡି ହୋଇଯିବ। ସ୍ଥଗିତକାର୍ଯ୍ୟ ତ୍ୱରାନ୍ୱିତ। ପଡୋଶୀଙ୍କ ସହ ବଚସା, କର୍ମଧାରାରେ ପରିବର୍ତନ, ଶୁଭଖବର ପ୍ରାପ୍ତି ॥

**ସିଂହ**



କର୍ମକ୍ଷେତ୍ରରେ ସମସ୍ୟା, ବନ୍ଧୁଙ୍କ ସାହାଯ୍ୟ, ଭଲମନ୍ଦର ମିଶ୍ରିତ ଅନୁଭୂତି, ଅପ୍ରିୟ ସତ କହି ବିରୋଧ୍। ବିଭିନ୍ନ ସମସ୍ୟା, ପାରିବାରିକ ଆଲୋଚନା, ଘର ସାଜସଜ୍ଜା, ବନ୍ଧୁମାନଙ୍କ ସହ ଭ୍ରମଣ, ତରବରିଆ ପଦକ୍ଷେପ, ଆର୍ଥିକ ସଂକଟ, ଧାରକରଜ କରିବେ ॥

**କନ୍ୟା**



ଖର୍ଚ୍ଚଭାର ବୃଦ୍ଧି, ମାନସିକ ଦୁଃଶ୍ଚିନ୍ତା, ସହକର୍ମୀଙ୍କ ଆଶ୍ୱାସନା, ପୂର୍ବ ପରିକଳ୍ପିତ ଯାତ୍ରା, ଯୋଜନା ବନେଇବେ, ସୁସ୍ଥ ମାନସିକତା, ସୁସମ୍ପର୍କ ବ୍ୟାହତ। ବ୍ୟବସାୟରେ କ୍ଷତି, ନିର୍ମାଣାଧୀନ କାମରେ ଦ୍ୱନ୍ଦ୍ୱ, ପରିବାରରୁ ପ୍ରତିରୋଧ ॥

**ତୁଳା**



କର୍ମକ୍ଷେତ୍ରରେ ପ୍ରତିଷ୍ଠା, ଅର୍ଥସମ୍ମାନ ପ୍ରାପ୍ତି, ଆତ୍ମୀୟଙ୍କ ସଦିଚ୍ଛା, ସଭାସମିତିକୁ ନିମନ୍ତ୍ରଣ, ସହଯାତ୍ରୀଙ୍କ ଅସୂୟାଭାବ, ପାରିବାରିକ ତିକ୍ତତା, ଧର୍ମକାର୍ଯ୍ୟରେ ବ୍ୟସ୍ତତା, ପ୍ରକାଶନରେ ବିଳମ୍ବ, ଦୂରଯାତ୍ରାର ସୁଯୋଗ, ସନ୍ତାନଙ୍କ ଗୌରବ ॥

**ବିଛା**



ସ୍ୱପ୍ନ ସାକାର ହେବ, ବୈଷୟିକ ଅଭିବୃଦ୍ଧି, ବନ୍ଧୁବର୍ଗରେ ଆଦର, ପାରିବାରିକ ସମର୍ଥନର ଅଭାବ। କାର୍ଯ୍ୟସାଧନର ପଥରୋଧ, ରୋଗପୀଡା ବୃଦ୍ଧି, ଭ୍ରମଣ ଜନିତ କ୍ଳାନ୍ତିବୋଧ, ଧାର୍ମିକ କାର୍ଯ୍ୟ କରିବେ ॥

**ଧନୁ**



ଉପରିସ୍ଥଙ୍କ କୃପାଦୃଷ୍ଟି, ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ, ସାହାଯ୍ୟ ସହଯୋଗ ଲାଭ, ଅର୍ଥ ସଂଗ୍ରହରେ ତତ୍ପରତା, ନୂତନ ଯୋଜନାରେ ସଫଳତା, ଟେନସନ କମିଯିବ। ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି, ସରକାରୀ ସ୍ତରରୁ ସାହାଯ୍ୟ, ଶୁଭ ଖବର ପାଇବେ ॥

**ମକର**



ସମସ୍ୟାର ନିୟନ୍ତ୍ରଣ, ଶତ୍ରୁତାର ସମାଧାନ, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ, ପରିବହନରେ ସୁଫଳ, ପରିସ୍ଥିତିକୁ ସଜାଡି ନେବେ। କଚେରି ମାମଲାର ଶୁଣାଣି, ମନ ଅସ୍ଥିର ରହିବ, ପିଲାମାନଙ୍କ ବିଶୃଙ୍ଖଳା ଆଚରଣ ॥

**କୁମ୍ଭ**



ପାରିବାରିକ ସୌଖ୍ୟ, ବନ୍ଧୁଙ୍କ ସହଯୋଗ, କ୍ରୀଡା ଚଳଚ୍ଚିତ୍ରରୁ ସମ୍ମାନ, ନିଜ ଲୋକଙ୍କ ବିଶ୍ୱାସଘାତକତା, ଅସୁବିଧା ଦୂର ହେବ, ଧାର କରଜ କରିବେ, ଲକ୍ଷ୍ୟପୂରଣ ହେବ, ବିଦେଶଯାତ୍ରାର ସୁଯୋଗ, ମାଙ୍ଗଳିକ କାମର ପ୍ରସ୍ତୁତି, ସ୍ତ୍ରୀଙ୍କ ପ୍ରେରଣା ॥

**ମୀନ**



ଶୁଭ ଖବର ପାଇବେ, ମନ ଖୁସୀ ହୋଇଯିବ, ସମ୍ପର୍କରେ ଉନ୍ନତି, ପ୍ରିୟଜନଙ୍କ ସମାଦର, ପ୍ରତିବନ୍ଧକ ଦୂରହେବ, ଆର୍ଥିକ ସଂକଟ ବଦଳିବ, ଗୁରୁବର୍ଗଙ୍କ ପ୍ରେରଣା, ଧର୍ମକାର୍ଯ୍ୟରେ ବାଧା, କର୍ମକ୍ଷେତ୍ରରେ ସୁନାମ, କରଜଦାତାଙ୍କ ଚାପ ॥

# ତରଭୁଜର ଉପକାରିତା



ଖରାଦିନ ପାଇଁ ସବୁଠି ସ୍ୱାଦିଷ୍ଟ ଆଉ ସ୍ୱାସ୍ଥ୍ୟପଯୋଗୀ ଫଳ ହେଉଛି ତରଭୁଜ। କାରଣ ଏହାକୁ ଖାଇଲେ ଶୋଷ ମେଣ୍ଟିବା ସହ ପେଟର ଭୋକ ବି ନିମିଷକେ ଦୂରେଇଯାଏ। ଏଥିରେ ବହୁ ଜରୁରୀ ପୋଷକ ତତ୍ୱ ଥିବାରୁ ଏହା ଅନେକ ରୋଗରୁ ମଧ ଆମ ଶରୀରକୁ ସୁରକ୍ଷା ଦେଇଥାଏ। କୁହାଯାଏ, ତରଭୁଜରେ ପୋଟାସିୟମ୍ ଓ ମାଗ୍ନେସିୟମ୍‌ର କିଛି ମାତ୍ରା ରହୁଥିବାରୁ, ଏହା ଶରୀରର ରକ୍ତଚାପକୁ ନିୟନ୍ତ୍ରଣ ରଖିବାରେ ସହାୟକ ହୋଇଥାଏ। ସେହିପରି ଏଥିରେ ଲାଇକୋପିନ୍ ନାମକ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଏହା ହୃଦ୍‌ଜନିତ ରୋଗରୁ ମଧ ଆମକୁ ସୁରକ୍ଷା ପ୍ରଦାନ କରିଥାଏ। ତା'ଛଡ଼ା ଏଥିରେ ଥିବା କାରୋଟେନୋଏଡ୍ ନାମକ ଏକ ଗୁଣକାରୀ ତତ୍ୱ ଯୋଗୁ, ଏହାକୁ ସେବନ କଲେ ହାର୍ଟ ଆଟାକ୍ ଓ ବ୍ଲଡ୍ କ୍ଲଟ୍ ହେବାର ଆଶଙ୍କା ମଧ କମ୍ ଦେଖାଯାଇଥାଏ। ଅନ୍ୟପକ୍ଷେ ତରଭୁଜରେ କୁଆଡ଼େ ପ୍ରଚୁର ପାଣି ରହିଥାଏ, ତେଣୁ ଖରାଦିନେ ଏହାକୁ ଖାଇଲେ ଶରୀରରେ ଜଳୀୟଅଂଶ ଠିକ୍‌ଠାକ୍ ରହିବା ସହ ପେଟ ଥଣ୍ଡା ରହିଥାଏ। ତା'ଛଡ଼ା ଏଥିରେ କ୍ୟାଲୋରୀର ମାତ୍ରା କମ୍ ରହୁଥିବାରୁ, ଏହାକୁ ଡାଏଟ୍‌ରେ ସାମିଲ କରି ଶରୀରର ଓଜନକୁ ମଧ ସହଜରେ କମାଇ ହୁଏ। ସେହିପରି ଏଥିରେ ଭିଟାମିନ୍ ଏ ଓ ଭିଟାମିନ୍ ସି ରହୁଥିବାରୁ, ଏହାର ସେବନ ତ୍ୱଚା ଏବଂ କେଶ ପାଇଁ ବି ଖୁବ୍ ଉପକାରୀ ହୋଇଥାଏ। ଅନ୍ୟପକ୍ଷେ ଏଥିରେ କିଛିଟା ଫାଇବର୍‌ର ମାତ୍ରା ରହୁଥିବାରୁ ଏହା ପାଚନତନ୍ତ୍ରକୁ ମଧ ସକ୍ରିୟ ରଖିବାରେ ସାହାଯ୍ୟ କରିଥାଏ।

# ପାଠକୀୟ

*ରଙ୍ଗ, ଅବିର ଆଉ ହୋଲିର କଥା ଆସିଲେ ହିଁ କେମିତି ପ୍ରେମମନସ୍କ ହୋଇଯାଏ ମନ। ସ୍ମୃତି ହୋଇଯାଏ ତାଜା, ଯାହାକୁ ସହଜରେ ପାସୋରି ପାରନ୍ତିନି କେହି। ତେଣୁ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କ ହୋଲିର ଅନୁଭୂତିକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସେଦିନର ହୋଲି' ଏକ ନିଆରା ଆଲେଖ୍ୟ ଥିଲା। 'ହୋଲିକୁ ନେଇ ବାସ୍ତୁ' ଏବଂ 'ହୋଲିର ରଙ୍ଗ ବି ଆଣିଥାଏ ଖୁସି' ଆଦି ପାଠଦୁଇଟି ବି ବେଶ୍ ଶିକ୍ଷଣୀୟ ହୋଇପାରିଥିଲା।

**-ଚନ୍ଦନ ପାଣିଗ୍ରାହୀ, ମାଟିଆପଡ଼ା, ପୁରୀ**

*ଉକ୍ତ ସଂଖ୍ୟାର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ସେଦିନର ହୋଲି'ଟି ଏକ ହୃଦୟସ୍ପର୍ଶୀ ଆଲେଖ୍ୟ ଥିଲା। ସେହିପରି ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ଆକର୍ଷଣୀୟ ହୋଲି ଲୁକ୍ କିପରି ସହଜରେ ପାଇହେବ ସେ ବିଷୟରେ ମଧ ଅନେକ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ରଙ୍ଗ' ନାମକ ଗପଟି ବେଶ୍ ମନଛୁଆଁ ହୋଇପାରିଥିଲା। ଅନ୍ୟପକ୍ଷେ 'ହୋଲି', 'ବିଶ୍ୱ ଆଜି ରଂଗମୟ', 'ଆଃ, ଏ ଫଗୁଣ' ଆଦି କବିତାଗୁଡ଼ିକ ବି ଖୁବ୍ ଚମତ୍କାର ଥିଲା।

**-ରୁଦ୍ର ନାରାୟଣ ସ୍ୱାଇଁ, ଲିଙ୍କ୍ ରୋଡ୍, କଟକ**

* ସିନେମା ପୃଷ୍ଠାରେ ସ୍ଥାନିତ 'ଭୁଲି ନଥାନ୍ତି ୟାମି', 'ନାହିଁ ନାହିଁରେ ଜାହ୍ନବୀ', 'ଅନୁତାପ କରୁଛନ୍ତି ସୋନାକ୍ଷୀ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଥିଲା। ସେହିପରି ସାଥୀର ଉତ୍ତରଗୁଡ଼ିକ ବି ବେଶ୍ ରୋମାଣ୍ଟିକ୍ ଲାଗୁଥିଲା। ଅନ୍ୟପକ୍ଷେ ପ୍ରାଧ୍ୟାପକ, ଗାଳ୍ପିକ, କବି ଶୁଭେନ୍ଦୁ ମହାନ୍ତିଙ୍କ ପ୍ରଥମ ରୋଜଗାର ସମ୍ପର୍କିତ ଅନୁଭୂତିଟି ବେଶ୍ ମନଛୁଆଁ ହୋଇଥିଲା।

**-ରାଜେନ୍ଦ୍ର ବରାଳ, ଆଠମଲ୍ଲିକ, ଅନୁଗୁଳ**

*'ହୋଲି ନୁହେଁ ହୋଲି ପରି' ନାମକ ଆଲେଖ୍ୟରୁ ଅନେକ ନୂଆ କଥା ଜାଣିହେଲା। ମଡେଲ୍ ମିରର୍‌ରେ ଲିପିକା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ମଜାଦାର୍ ଥିଲା। ସେହିପରି ସହର ପୃଷ୍ଠାରୁ ହୋଲିରେ କେଉଁ କେଉଁ ସ୍ଥାନକୁ ବୁଲିଗଲେ ବୁଲିବାର ଭରପୂର୍ ମଜା ଉଠାଇହେବ ସେ ସମ୍ପର୍କରେ ମଧ ବହୁ କଥା ଜାଣି ଖୁସି ଲାଗିଲା। ଅନ୍ୟପକ୍ଷେ ବିବିଧା ପୃଷ୍ଠାରେ ସ୍ଥାନିତ 'କୁକୁଡା ନା ମୟୂର' ନାମକ ପାଠଟି ସତରେ ବେଶ୍ ଆଶ୍ଚର୍ଯ୍ୟକର ଥିଲା।

**-ଭବାନୀ ଦାଶ, ବ୍ରହ୍ମପୁର, ଗଞ୍ଜାମ**

*ଏଥରର ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଫେସବୁକ୍‌ର ମାୟା' ନାମକ ଆଲେଖ୍ୟଟି ଅତି ଶିକ୍ଷଣୀୟ ବିଷୟ ଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ପୁଅ ପାଇଁ ଗଢିଲେ ଲମ୍ବରଗିନି କାର୍', 'କ୍ୟାଣ୍ଡି ଡ୍ରେସ୍' ଏବଂ 'ମୁଣ୍ଡରେ ତେଲ ମାଲିସ କରି ରେକର୍ଡ' ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ମଜାଦାର୍ ବି ଥିଲା।

**-ମନସ୍ୱିନି ବେହେରା, ମାଲକାନଗିରି**



## ବିଶେଷ ଚିଠି

ରବିବାରେ ହୁଏ ତୁମ ଆଗମନ
ସେଥିପାଇଁ ନାମ ତୁମର ଛୁଟିଦିନ।
ଆସିଲେ ତୁମେ ମନ ହୋଇଯାଏ ପୂରା ତାଜା
ପ୍ରଚ୍ଛଦ ତୁମର ପଢିଲେ ଲାଗେ ଭାରି ମଜା।
ସାଥୀ ବି କରେ ମତୁଆଲା ଲୋକଙ୍କୁ
କାର୍ଟୁନ କର୍ନର ବି ଚମକାଏ ସମସ୍ତଙ୍କୁ।
ସହର ପୃଷ୍ଠାର ତ ଜବାବ ନାହିଁ
ବୁଲାଇ ନିଏ ସଭିଙ୍କୁ କେତେ ନୂଆ କଥା କହି।
ବ୍ୟାକ୍‌ପେଜ୍ ବି ଲାଗେ ତୁମର ସ୍ୱତନ୍ତ୍ର
ହେ ଛୁଟିଦିନ କରୁଥାଅ ସଭିଙ୍କୁ ଏହିଭିଳି ମନ୍ତ୍ର।

**-ଶ୍ରୀକାନ୍ତ ଧଳ, ତେଲକୋଇ, କେନ୍ଦୁଝର**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ପଣା



ଓଡ଼ିଶାର ସଂସ୍କୃତି ଓ ପରମ୍ପରା ସହ ପଣା ବା ପ୍ରପାନକ ଜଡ଼ିତ। ସ୍ୱୟଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏହା ଅତି ପ୍ରିୟ। ଏହାକୁ ପିଇବା ମାତ୍ରେ ତୃଷା ନିବାରଣ ହୁଏ, ତୁରନ୍ତ ଶକ୍ତି ମିଳେ। ପ୍ରସାଦଭାବେ ଦେବୀ ଦେବତାଙ୍କୁ ଅର୍ପଣ ମଧ୍ୟ କରାଯାଏ। ମାନବଠାରୁ ଆରମ୍ଭ କରି ଦେବଦେବୀ, ଚଣ୍ଡୀ ଚାମୁଣ୍ଡା, ଅଶରୀରୀ ସମସ୍ତଙ୍କ ପାଇଁ ଏହା ଅମୃତ ତୁଲ୍ୟ। ପଣାର ମହତ୍ତ୍ୱ ଏତେ ଯେ ଏହାକୁ ନେଇ ପର୍ବ ବି ରହିଛି। ବୈଶାଖ ମାସର ସଂକ୍ରାନ୍ତି ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିଭାବେ ପରିଚିତ। ଏହିଦିନ ଘରେ ଘରେ ପଣା ହୁଏ। ପଣା ସଂକ୍ରାନ୍ତିକୁ ଓଡ଼ିଆ ନବବର୍ଷଭାବେ ମଧ୍ୟ ପାଳନ କରାଯାଇଥାଏ।

ଭାରତୀୟ ପରମ୍ପରାରେ ମହାନୈବେଦ୍ୟ ଅର୍ପଣରେ 'ପେୟ' ଶବ୍ଦରେ ପଣାକୁ ସମୀକରଣ କରାଯାଇଛି। ଏପରିକି ହୋମ, ଯଜ୍ଞରେ ମଧ୍ୟ ପଣାର ବ୍ୟବହାର ଅଛି। ପରମ୍ପରା ଅନୁଯାୟୀ ପେୟ ୬ଟି ଦ୍ରବ୍ୟ ଯଥା ଦୁଗ୍ଧ, ଲହୁଣି, ସାବର୍ତ୍ତ, ଦହି, ମହୁ ଓ ଘିଅ ଆଦିକୁ ମିଶାଇ ପ୍ରସ୍ତୁତ କରାଯାଏ। ଏହା 'ପରଶୁରାମ କଳ୍ପସୂତ୍ର' ଗ୍ରନ୍ଥ ଅନୁସାରେ ନିର୍ଦ୍ଦିଷ୍ଟ। ତେବେ ଆଜିକାଲି ସାବର୍ତ୍ତ ଓ ଘିଅ ନ ପକାଇ କଦଳୀ ଏବଂ ଛତୁଆ ମିଶାଇ ପଣା ପ୍ରସ୍ତୁତ କରାଯାଉଛି। ଓଡ଼ିଶାର କେତେକ ଅଞ୍ଚଳରେ ନଡ଼ିଆକୁ କୋରାଯାଇ ବି ମିଶାଯାଉଛି। ପଣା ଓଡ଼ିଆମାନଙ୍କ ଘରେ ଭୋଗ ଭାବେ ମଧ୍ୟ ଲାଗି କରାଯାଇଥାଏ। ତୁଳସୀ ଚଉଁରା ଉପରେ ଶିକା ବାନ୍ଧି ଏକ ଘଡିରେ ପଣା ରଖି ତାକୁ ଘୋଡ଼ାଇ, ଘଡ଼ିର ତଳଭାଗରେ ସରୁ ଛିଦ୍ର କରି କୁଶକୁ ଶାସ୍ତ୍ର ବିଧିରେ ଖଞ୍ଜାଯାଇ ତଳକୁ ଓହଳାଯାଏ। ସେଇ ଛିଦ୍ରରୁ କୁଶ ଦେଇ ତୁଳସୀ ମୂଳରେ ପଣା ପଡ଼େ। ଏହିପରି ମାସେ ଅର୍ଥାତ୍ ସଂକ୍ରାନ୍ତିରୁ ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲେ। ତେବେ ମହା ବିଷୁବ ସଂକ୍ରାନ୍ତିରେ ହିଁ କେବଳ ଘଡ଼ିରେ ପଣା ରଖାଯାଏ। ଅନ୍ୟ ୨୯ ଦିନ କେବଳ ଶୁଦ୍ଧ ପାଣି ରଖାଯାଇଥାଏ।

**ପଣା କେବଳ ଏକ ପାନୀୟ ନୁହେଁ। ଏହା କେବେ ଧାର୍ମିକ ଭାବନା ସହ ଜଡିତ ତ କେବେ ସାଜେ ତୃଷା ନିବାରକ, ଶକ୍ତି ପ୍ରଦାୟକ। ଆଉ ସ୍ୱାସ୍ଥ୍ୟ ପାଇଁ ତ ଏହା ଅମୃତ ତୁଲ୍ୟ। ସେଇଥିପାଇଁ ପଣା ଓଡ଼ିଆଙ୍କ ପ୍ରିୟ...**

**ଶ୍ରୀମନ୍ଦିରରେ ପଣା:** ଐତିହ୍ୟ ବିଶାରଦ **ଡ. ସୁରେନ୍ଦ୍ର କୁମାର ମିଶ୍ର** କୁହନ୍ତି, 'ଶ୍ରୀକ୍ଷେତ୍ରରେ ସମୁଦାୟ ୧୩ ପ୍ରକାରର ପଣା ପ୍ରଚଳିତ। ଆଉ ଶ୍ରୀଜଗନ୍ନାଥ ଉପାସନାରେ ଦୁଇ ପ୍ରକାରର ପଣା ପ୍ରସିଦ୍ଧ। ସେ ହେଉଛି ଅଧରପଣା ଓ ଅଣସର ପଣା।

**ଅଧରପଣା:** ଶ୍ରୀମନ୍ଦିରରେ ଏକ ବିଶେଷ ପଣା ହେଉଛି ଅଧରପଣା। ଏଥିରେ ସାଧାରଣ ପଣାଠାରୁ ଅଧିକ ଛେନା, ସର, ଛାଚି, କର୍ପୂର ଓ ଜାଇଫଳ ମିଶାଯାଏ। ସୁନାବେଶ ଏକାଦଶୀ ପରଦିନ ସିଂହଦ୍ୱାର ନିକଟରେ ଛିଡା ହୋଇଥିବା ତିନି ରଥ ଉପରକୁ ତିନୋଟି ବଡ ବଡ ମାଟିପାତ୍ର ଭର୍ତ୍ତି ପଣା ରଥାରୂଢ଼ ତିନି ଦିଅଁଙ୍କ ପାଇଁ ଅଣା ଯାଇଥାଏ। ପାତ୍ରଗୁଡିକର ଉଚ୍ଚତା ତିନି ଦିଅଁଙ୍କ ଅଧର ବା ଓଠ ପର୍ଯ୍ୟନ୍ତ ପହଞ୍ଚିବା ଭଳି ତିଆରି ହୋଇଥାଏ। ପରେ ମହାପ୍ରଭୁଙ୍କୁ ସମର୍ପଣ କରାଯାଇ ସେହି ପଣାହାଣ୍ଡି ଭାଙ୍ଗି ଦିଆଯାଏ। ଏହି ପଣାକୁ ମାନବମାନେ ଗ୍ରହଣ କରନ୍ତି ନାହିଁ। ବିଶ୍ୱାସ କରାଯାଏ ରଥଯାତ୍ରାବେଳେ ରଥରେ ରହି ତିନି ଦିଅଁଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ଦେବଦେବୀଙ୍କ ସହ ଚଣ୍ଡୀ ଚାମୁଣ୍ଡା, ଅଶରୀରୀ, ଭୂତପ୍ରେତଙ୍କ ପାଇଁ ଉଦ୍ଦିଷ୍ଟ ଥାଏ ଏହି ଅଧରପଣା ନୀତି।


**ଅଣସର ପଣା:** ସ୍ନାନ ପୂର୍ଣ୍ଣିମା ପରେ ଅଣସରରେ ରହିବାବେଳେ ମହାପ୍ରଭୁଙ୍କୁ ଏକ ସ୍ୱତନ୍ତ୍ର ଧରଣର ପଣା ଦିଆଯାଏ। ସେଥିରେ କ୍ଷୀର, ସର, ଛେନା, ନବାତ ପକାଯାଏ। ଚିନି ବ୍ୟବହାର ହୁଏ ନାହିଁ। ତାହା ଅଣସର ପଣାଭାବେ ପରିଚିତ।

ଯେତେବେଳେ ଜଗତର ନାଥ ଜଗନ୍ନାଥଙ୍କର ପଣା ପ୍ରୀତି ରହିଛି, ସେତେବେଳେ ପୁରୀବାସୀ ବା କେମିତି ଏହାର ପ୍ରୀତିରୁ ବାଦ୍ ପଡିବେ। ଏଠାରେ ପଣାକୁ ଅନେକେ ସରବତ ବି କହନ୍ତି। ଜାଗା ଭେଣ୍ଡିଆମାନଙ୍କ ଭାଷାରେ ତ ଏହା 'ହାତପାଣି' ଭାବରେ ପ୍ରସିଦ୍ଧ। ତେବେ ଏଠାରେ ଭାଙ୍ଗପଣା ଅଧିକ ପ୍ରିୟ। ପଣାରେ ଭାଙ୍ଗ ବାଟି ମିଶାଗଲେ ତାହା ଭାଙ୍ଗପଣା ଭାବେ ପରିଚିତ ହୁଏ। ଖରାଦିନେ ତ ପୁରୀରେ ମାଗଣା ପଣା ବିତରଣ ହୁଏ। ଗରିବ, ଧନୀ, ପର୍ଯ୍ୟଟକ ସମସ୍ତଙ୍କୁ ଏହା ପ୍ରଦାନ କରାଯାଏ।

**ଚୈତ୍ରମାସ ମା'ମଙ୍ଗଳାଙ୍କ ପୂଜାରେ ପଣା:** ଦେବୀଙ୍କ ପୂଜାରେ ପଣାର ଗୁରୁତ୍ୱ ବହୁତ ରହିଛି। ଚୈତ୍ର ମାସରେ ପଡୁଥିବା ମଙ୍ଗଳବାରଗୁଡିକରେ ଗାଁଠୁ ସହର ପର୍ଯ୍ୟନ୍ତ ସବୁଠି ମା' ମଙ୍ଗଳାଙ୍କର ସ୍ୱତନ୍ତ୍ର ପୂଜା ହୁଏ। ଏହି ମଙ୍ଗଳବାରଗୁଡିକରେ ମା'ମଙ୍ଗଳାଙ୍କ ଓଷା କରୁଥିବା ମହିଳାମାନେ ଏକାଠି ହୋଇ ଦାଣ୍ଡରେ ମାଟି ଖୋଳି ଗୋଲାକାର ପନ୍ଥେଇ ତିଆରି କରିଥାନ୍ତି। ତାକୁ ହଳଦୀ ପାଣିରେ ଧୁଆଯାଏ। ତା'ସହ ପନ୍ଥେଇ ଚାରିପଟେ ମୁରୁଜ ପକାଇଯାଏ ଓ ଫୁଲରେ ସଜାଯାଏ। ମା'ଙ୍କ ଫଟୋକୁ ପନ୍ଥେଇ ଉପରେ ସ୍ଥାପନ କରି ଫୁଲ ଓ ସିନ୍ଦୂର ଅର୍ପଣ କରାଯାଏ। ମହିଳାମାନେ ଆଣିଥିବା ବିଭିନ୍ନ ପ୍ରକାରର ଫଳମୂଳ, ଛେନା, ଗୁଡ଼, ନଡ଼ିଆ ଆଦିରେ ପଣା ପ୍ରସ୍ତୁତ କରାଯାଇ ତାକୁ ପନ୍ଥେଇରେ ଢାଳି ପ୍ରସାଦଭାବେ ଅର୍ପଣ କରାଯାଏ।

**ଶୀତଳତା ଭରେ, ଶକ୍ତି ପ୍ରଦାନ କରେ ପଣା:** ଆୟୁର୍ବେଦିକ ଡାକ୍ତର **ବାସୁଦେବ ପ୍ରଧାନ** କୁହନ୍ତି, ବୈଶାଖ ମାସର ସଂକ୍ରାନ୍ତିକୁ ବିଷୁବ ସଂକ୍ରାନ୍ତି ବା ପଣାସଂକ୍ରାନ୍ତି ବୋଲି କୁହାଯାଏ। ଏହି ସମୟରେ ସୂର୍ଯ୍ୟ ବିଷୁବରେଖା ଉପରେ ଅବସ୍ଥାନ କରୁଥିବାରୁ ଏହାକୁ ମହାବିଷୁବ ସଂକ୍ରାନ୍ତି କୁହାଯାଏ। ଏହିଦିନ ସୂର୍ଯ୍ୟ ଓ ପୃଥିବୀ ସରଳ ରେଖାରେ ରହିଥାନ୍ତି। ତେଣୁ ସୂର୍ଯ୍ୟଙ୍କର ଉତ୍ତାପ ପୃଥିବୀ ଉପରେ ଅଧିକ ରହେ। ଆଉ ଭାରତ ଗ୍ରୀଷ୍ମ ମଣ୍ଡଳୀୟ ଦେଶ ହୋଇଥିବାରୁ ଏଠାରେ ଅଧିକ ଗରମ ଅନୁଭୂତ ହୋଇଥାଏ। ଶରୀରରେ ଖାଦ୍ୟର ଆବଶ୍ୟକତା ହେଲେ ଯେମିତି ଭୋକ ଲାଗିଥାଏ, ସେହିପରି ଖରାଦିନେ ପ୍ରବଳ ଉତ୍ତାପ ଯୋଗୁ ଶରୀରରେ ଜଳୀୟଅଂଶ କମିଗଲେ →









ପ୍ରବଳ ଶୋଷଲାଗେ। ଆଉ ମଣିଷ ଖୋଜେ ପାଣି, ପଣା ଅବା ସର୍ବତ। ସେଥିପାଇଁ ଆଗରୁ ଘରେ ଘରେ ପଣା କରାଯାଉଥିଲା। ଯଦିଓ ଆଜିକାଲି ପଣା ବଦଳରେ କୋଲ୍ଡ ଡ୍ରିଙ୍କ୍ ପିଇବାକୁ ପସନ୍ଦ କରାଯାଉଛି। ହେଲେ ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ସେହିପରି ଫ୍ରିଜ୍ ପାଣି ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ଫ୍ରିଜ୍ ପାଣି ପିଇଲେ ଦାନ୍ତ ମାଢ଼ି ଦୁର୍ବଳ ହୋଇଯାଏ। ତେଣୁ ପଣା ଫ୍ରିଜ୍‌ର ଥଣ୍ଡା ପାଣିରେ ପ୍ରସ୍ତୁତ ନ କରାଯାଇ ସୁରେଇର ଶୀତଳ ଜଳରେ କରିବା ଶ୍ରେୟସ୍କର। ଆଉ ସବୁ ପଣାରେ ଔଷଧୀୟ ଗୁଣ ଭରିରହିଥାଏ। ଏହା ଶୀଘ୍ର ହଜମ ହୁଏ। ପାଚକ ତନ୍ତ୍ର ଉପରେ ଚାପ ବି ପକାଏ ନାହିଁ। ତେଣୁ ଆଜିକାଲିର କୋଲ୍ଡ ଡ୍ରିଙ୍କ୍‌ଠାରୁ ଏହା ବହୁ ଗୁଣରେ ଶ୍ରେୟସ୍କର।

**ଉପବାସରେ ପଣା:**ଆମ ଦେଶରେ ପଣାର ପ୍ରଚଳନ ବହୁ ପୂର୍ବରୁ ରହିଛି। ତେବେ ଓଷା ଉପବାସରେ ପଣାର ଗୁରୁତ୍ୱ ଅଧିକ ବଢ଼ିଯାଏ। ଉପବାସ କରୁଥିବା ବ୍ୟକ୍ତି ଖାଦ୍ୟ ନ ଖାଇବାଦ୍ୱାରା ସାଧାରଣତଃ ସେମାନଙ୍କ ଶରୀର ଦୁର୍ବଳ ହୋଇଯାଏ। ଆଉ ଏହି ପଣା ସେତେବେଳେ ସେମାନଙ୍କ ତୃଷା ନିବାରଣ କରିବା ସହ ତୁରନ୍ତ ଶକ୍ତି ଓ ସ୍ଫୂର୍ତ୍ତି ପ୍ରଦାନ କରିଥାଏ। ତେଣୁ ଓଡ଼ିଶାର ଘରେ ଘରେ ପଣାର ଆଦର ସବୁବେଳେ ରହିଆସିଛି।

**ଅତିଥି ଚର୍ଚ୍ଚା ଓ ପଣା:** ଆଗରୁ ଖରାଦିନେ ଘରକୁ ଅତିଥି ଆସିଲେ ବି ଲେମ୍ବୁ, ମିଶ୍ରି, ଗୁଡ ଅବା ଦହିକୁ ନେଇ ପଣା ପ୍ରସ୍ତୁତ କରି ଆତିଥ୍ୟ ପ୍ରଦାନ କରାଯାଉଥିଲା। ଏହା ପ୍ରବଳ ରୌଦ୍ର ତାପରୁ ଶରୀରକୁ ଶୀତଳତା ପ୍ରଦାନ କରିବା ସହ ଶକ୍ତି ସ୍ଫୂର୍ତ୍ତି ପ୍ରଦାନ କରୁଥିଲା। ହେଲେ ଆଜିକାଲି ଯେଉଁ କୋଲ୍ଡ ଡ୍ରିଙ୍କ୍ ପିଆଯାଉଛି ତାହା ପାଟିକୁ ଭଲ ଲାଗୁଥିଲେ ହେଁ ସେଥିରେ ମିଶ୍ରିତ ରାସାୟନିକ ପଦାର୍ଥ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ତେଣୁ କୋଲ୍ଡ ଡ୍ରିଙ୍କ୍ ବଦଳରେ ପଣା ପିଇବା ସବୁଠାରୁ ଭଲ।

**ସ୍ୱାସ୍ଥ୍ୟ ପାଇଁ ଅମୃତ:** ପଣାର ଭିନ୍ନ ଭିନ୍ନ ପ୍ରକାର ରହିଛି। ଆଉ ପ୍ରତି ପଣାରେ ଭରି ରହିଥାଏ କିଛି ନା କିଛି ଉପକାରୀ ଗୁଣ। ଜାଣିବା ସେ ସମ୍ପର୍କରେ..

**ଗୁଡ଼ପଣା:** ଶୀତଳ ଜଳରେ ଗୁଡ଼ ସହ ଆମ୍ବ ଖଣ୍ଡ, ଅଦା ଛେଚା ଓ ଗୋଲମରୀଚ ଗୁଣ୍ଡ ପକାଇ ଗୁଡ଼ପଣା ପ୍ରସ୍ତୁତ କରାଯାଏ। ଏହାକୁ ପିଇବାଦ୍ୱାରା ଶରୀରରେ ଶୀତଳତା ଆସେ, ଶୁଷ୍କତା ଦୂର ହୁଏ। ଦୁର୍ବଳତାରୁ ମୁଣ୍ଡ ବୁଲାଇବା ବି ଦୂର ହୁଏ। ଅଂଶୁଘାତ ହୋଇ ନ ଥାଏ। ରାତିରେ ସୁନିଦ୍ରା ହୁଏ। ଏହା ବଳକାରକ ମଧ୍ୟ।

**ମିଶ୍ରିପଣା:** ମାଟି ପାତ୍ରର ଶୀତଳ ଜଳରେ ମିଶ୍ରି ମିଶାଇ, ସେଥିରେ ସାମାନ୍ୟ ଲେମ୍ବୁରସ ମିଶାଇ ଏହାକୁ ପ୍ରସ୍ତୁତ କରିପାରିବେ। ଏହା ଶରୀରରେ ଶୀତଳତା ପ୍ରଦାନ କରେ ଓ ପେଟ ଥଣ୍ଡା କରେ।

**ବେଲପଣା:** ଖରାଦିନେ ଏହାର ଚାହିଦା ଅଧିକ। ଏହାକୁ ପ୍ରସ୍ତୁତ କରିବା ଲାଗି ପାଚିଲା ବେଲର ଶସ ବାହାର କରି ଭଲଭାବେ ଚକଟାଯାଏ। ପରେ ତାକୁ ଛାଣି ସେଥିରେ ଦହି, ଗୋଲମରୀଚ ଗୁଣ୍ଡ ପକାଯାଏ। ଗୋଲମରୀଚ ଗୁଣ୍ଡ ସ୍ୱାଦ ବଢ଼ାଇବା ସହ ପଣାରେ ସୁଗନ୍ଧ ଭରିଥାଏ। କେହି କେହି ଏହି ପଣାରେ କାଜୁ, ଚେରି ମଧ୍ୟ ମିଶାଇଥାନ୍ତି। ସ୍ୱାମୀ ନିର୍ମଳାନନ୍ଦ ଗିରି କୁହନ୍ତି, 'ବେଲପଣା ଡାଇରିଆ ନାଶ କରେ, ଭୋକ ବଢ଼ାଏ। ଏଥିରେ ଆଣ୍ଟି ଇନଫ୍ଲେମେଣ୍ଟାରି ଓ ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ବି ରହିଛି।' ଡା. ବାସୁଦେବ ପ୍ରଧାନ କୁହନ୍ତି, 'ଯଦି ଖରାଦିନେ ପରିସ୍ରାପୋଡା ଦେଖାଯାଏ, ଏହି ପଣାରେ କିଛି ମାତ୍ରାରେ ଚନ୍ଦନକୁ ମିଶାଇ ପିଇଲେ ଲାଭ ମିଳେ।'



ସୁରେନ୍ଦ୍ର କୁମାର ମିଶ୍ର



ବାସୁଦେବ ପ୍ରଧାନ

**ବେଣାଚେର ପଣା:** ବେଣାଚେରକୁ ଶିଳରେ ବାଟି ସମସ୍ତ ପ୍ରକାର ପାଚିଲା ଫଳକୁ ମିଶାଇ ମଧ୍ୟ ପଣା ପ୍ରସ୍ତୁତ କରିପାରିବେ। ଏହା ଶରୀରରେ ଶୀତଳତା ଆଣେ।

**ଗୁଲକନ୍ଦ ପଣା:** ସେହିପରି ଗୋଲାପ ଫୁଲକୁ ବାଟି ମିଶ୍ରି ସହ ଅନ୍ୟାନ୍ୟ ସୁବାସିତ ଦ୍ରବ୍ୟ ଓ ଗୁଲକନ୍ଦ ମିଶାଇ ପଣା କରିପାରିବେ। ଏହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟପ୍ରଦ ମଧ୍ୟ। ଉକ୍ତ ପଣା ଶରୀରରେ ଶୀତଳତା ଆଣିବା ସହ ଝାଳ ପାଇଁ ଶରୀର ଦୁର୍ଗନ୍ଧ ହେଉଥିଲେ ତାକୁ ନିୟନ୍ତ୍ରଣ କରିବ। ତା'ସହ ସୌନ୍ଦର୍ଯ୍ୟ ବୃଦ୍ଧି ମଧ୍ୟ କରିବ।

**ଛେନାପଣା:** କୁହାଯାଏ ଏହି ପଣା ପ୍ରଭୁ ଜଗନ୍ନାଥଙ୍କର ବହୁତ ପ୍ରିୟ। ଖାସ୍‌କରି ଓଡ଼ିଆ ନବବର୍ଷରେ ଏହି ପଣା ପ୍ରସ୍ତୁତ କରାଯାଏ ଏବଂ ଜଗନ୍ନାଥ ମହାପ୍ରଭୁଙ୍କୁ ଲାଗି କରାଯାଏ। ଏହାକୁ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଛେନାକୁ କଦଳୀ ଓ କ୍ଷୀର, ନଡିଆ କୋରା ସହ ଭଲରେ ଚକଟା ଯାଏ। ସେଥିରେ ସ୍ୱାଦାନୁସାରେ ଅଳେଇଚ ଗୁଣ୍ଡ, ଗୋଲମରୀଚ ଗୁଣ୍ଡ, ଅଦା ଛେଚା ଆଦିକୁ ପକାଇପାରିବେ। ଏହି ପଣା ତୃଷ୍ଣା ନିବାରକ, ବଳକାରକ ଓ ସୁନିଦ୍ରା ପ୍ରଦାନ ମଧ୍ୟ କରିଥାଏ।

**ପାଲୁଅପଣା:** ପଶ୍ଚିମ ଓଡ଼ିଶାରେ ଏକ ସ୍ୱତନ୍ତ୍ର ପ୍ରକାରର ପଣା ପ୍ରସ୍ତୁତ କରାଯାଏ। ସେ ହେଉଛି ଝରାପଣା ବା ପାଲୁଅ ପଣା। ଏହି ପଣା ବହୁତ ଔଷଧୀୟ। ସାଧାରଣତଃ ପାଲୁଅରୁ ତିଆରି ହେଉଥିବା ଆରାରୁଟ୍ ପାଉଡରରେ ମିଶ୍ରି ଓ ପାନମଧୁରୀ ପକାଇ ପଣା କରି ପିଆଯାଏ। ଏହାକୁ ଅନ୍ୟ ଏକ ପଦ୍ଧତିରେ ବି ପ୍ରସ୍ତୁତ କରିପାରିବେ। ସେଥିପାଇଁ ପ୍ରଥମେ ଏକ ପାତ୍ରରେ ପାଣି ରଖି ଆରାରୁଟ ପାଉଡରକୁ ୨୦ ମିନିଟ ବୁଡାଇ ରଖିବାକୁ ହେବ। ପରେ ପାଣିକୁ ଢାଳି ଦେଇ ଅଧଗ୍ଲାସ୍ ପାଣିରେ ସେହି ପାଲୁଅକୁ ସିଝାଯିବ। କମ୍ ଆଞ୍ଚରେ ତାକୁ ରନ୍ଧାଯାଏ। ଏହା ସିଝିବା ସହ ଏକ ମୋଟା ଟ୍ରାନ୍ସପରେଣ୍ଟ ପେଷ୍ଟରେ ପରିଣତ ହୋଇଯାଏ। ପରେ ଏଥିରେ ଦହି, ଚିନି, ଲୁଣ, ଗୋଲମରୀଚ ଗୁଜୁରାତି ଗୁଣ୍ଡ ଆଦି ପକାଇ ପଣା ପ୍ରସ୍ତୁତ କରାଯାଏ। ଏହାକୁ ଥଣ୍ଡା ଥଣ୍ଡା ପିଇଲେ ଭଲ ଲାଗେ। ଏହା ବେଶ୍ ଶକ୍ତି ପ୍ରଦାୟକ ।

**ଦହିପଣା:** ତାଜା ଦହି, ଗୁଡ଼, ନଡ଼ିଆକୋରା, କଦଳୀକୁ ଏକସଙ୍ଗେ ଚକଟି, ସେଥିରେ ଗୋଲମରୀଚ ଗୁଣ୍ଡ ପକାଇ ଏହି ପଣାକୁ ପ୍ରସ୍ତୁତ କରାଯାଇଥାଏ। ଏହି ପଣାକୁ ସାଧାରଣତଃ ପର୍ବପର୍ବାଣିରେ ପ୍ରସାଦ ଭାବେ ଅର୍ପଣ କରାଯାଇଥାଏ। ଏହାକୁ ଅନେକ ସ୍ଥାନରେ ଲସି ମଧ୍ୟ କୁହାଯାଏ। ଆଉ ସାଧାରଣରେ ବିକ୍ରି କରାଯାଏ। ଏହା ଶରୀରରେ ଶୀତଳତା ଆଣିଥାଏ। ପେଟ ରୋଗୀଙ୍କ ପାଇଁ ମଧ୍ୟ ଏହା ଲାଭଦାୟକ।

**ଆମ୍ବପଣା:** ଖରାଦିନେ ପ୍ରଚୁର କଞ୍ଚା ଆମ୍ବ ମିଳେ। ଏହାକୁ ନେଇ ଅନେକେ ଆମ୍ବପଣା ପ୍ରସ୍ତୁତ କରିଥାନ୍ତି। ଆମ୍ବକୁ ସିଝାଇ ତା'ର ରସ ବାହାର କରି ପାଣିରେ ମିଶାଯାଏ। ସେଥିରେ ଚିନି ଅବା ମିଶ୍ରି ମିଶାଯାଏ। ଚାହିଁଲେ ନଡ଼ିଆକୋରା ମଧ୍ୟ ପକାଇପାରିବେ। ଏହା ବଳକାରକ ।

**ଖଇପଣା:** ଏହି ପଣାକୁ ବହୁତ କମ୍ ଲୋକ ପ୍ରସ୍ତୁତ କରିଥାନ୍ତି। ହେଲେ ଏହା ସ୍ୱାଦରେ ଅନ୍ୟ ପଣାଠାରୁ ଆଦୌ କମ୍ ନୁହେଁ। ଏହାକୁ ପ୍ରସ୍ତୁତ କରିବା ପାଇଁ ଖଇରେ କ୍ଷୀର, ଦହି, ଗୁଡ଼କୁ ଭଲଭାବେ ମିଶାଯାଏ। କେହି କେହି ଖଇରେ କ୍ଷୀର, ଦହି ମିଶାଇବା ପୂର୍ବରୁ ଖଇ ସହ କଦଳୀ ଚକଟିଥାନ୍ତି। ଅଧିକ ସ୍ୱାଦ ପାଇଁ ଛେନା ବି ବ୍ୟବହାର କରିହେବ। ସ୍ୱାଦ ଓ ସୁଗନ୍ଧ ବଢ଼ାଇବା ଲାଗି ଗୋଲମରୀଚ ଗୁଣ୍ଡ ପକାଇପାରିବେ। ଏହା ଶକ୍ତି ପ୍ରଦାୟକ।

**ଛତୁଆପଣା:** ଛତୁଆରେ କ୍ଷୀର, ଛେନା, କଦଳୀ ଚକଟା, ଗୁଡ଼, ଗୋଲମରୀଚ ଗୁଣ୍ଡ ପକାଇ ଭଲ ଭାବେ ମିଶାଇ ଏହାକୁ ପ୍ରସ୍ତୁତ କରାଯାଏ। ଏହି ପଣା ମଧ୍ୟ ଶକ୍ତି ପ୍ରଦାୟକ।

ତେବେ ଏହିସବୁ ପଣାକୁ ମଧୁମେହ ରୋଗୀ, କିଡ୍‌ନୀ ରୋଗୀ ପିଇବା ଉଚିତ ନୁହେଁ। କାରଣ ଏହା ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ସାବ୍ୟସ୍ତ ହୋଇପାରେ।

ଆମର ସଂସ୍କୃତି, ପରମ୍ପରା ସହ ଜଡିତ ଏଇ ପଣା କେବେ ଏକ ସୁସ୍ୱାଦୁ ପାନୀୟ ତ କେବେ ପୁଣି ପ୍ରସାଦ। ଆଉ କେବେ ପାଲଟେ କିଛି ରୋଗର ନିଦାନ। ଖାସ୍ ସେଇଥିପାଇଁ ଏହା ଆଜିଯାଏ ବଜାୟ ରଖିଛି ନିଜର ସ୍ୱତନ୍ତ୍ରତା।

**–ଶିବାନୀ ମହାନ୍ତି**





# ଫ୍ୟାଶନରେ ଡେନିମ୍ ଶର୍ଟ୍ସ







**ଖରାଦିନେ ଶର୍ଟ୍ସ ପିନ୍ଧିବାକୁ ଅନେକେ ପସନ୍ଦ କରିଥାନ୍ତି। ଖାସ୍ କରି ଡେନିମ୍ ଶର୍ଟ୍ସ। କାରଣ ଏହାକୁ ପିନ୍ଧିଲେ ଯେମିତି କମ୍ଫର୍ଟେବଲ୍ ଲାଗେ ସେମିତି ସ୍ମାର୍ଟ ଲୁକ୍ ବି ମିଳେ। ସେହିପରି ଏହା ସହିତ ଯେକୌଣସି ଟପ୍ସକୁ ପେୟାର୍ କରି ମଧ୍ୟ ପିନ୍ଧି ହୁଏ। ତେବେ କେଉଁ ଟପ୍ସକୁ କେମିତି ପିନ୍ଧିଲେ ଡେନିମ୍ ଶର୍ଟ୍ସ ସହ ତାହା ପରଫେକ୍ଟ ମ୍ୟାଚ୍ କରିବ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

**ପେପ୍ଲମ୍ ଟପ୍ସ ଓ ଡେନିମ୍ ଶର୍ଟ୍ସ:** କଳା ରଙ୍ଗର ସ୍ଲିଭ୍‌ଲେସ୍ ପେପ୍ଲମ୍ ଟପ୍ସ ସହ ଲାଇଟ୍ ବ୍ଲୁ କଲର୍‌ର ଡେନିମ୍ ଶର୍ଟ୍ସ ଖୁବ୍ ସୁନ୍ଦର ଦେଖାଯାଇଥାଏ। ଏହା ସହିତ ମ୍ୟାଚିଂ ଫୁଟ୍‌ୱେର୍ ପିନ୍ଧିଲେ ଆହୁରି ଭଲ ମାନିଥାଏ। ଖରାଦିନେ କଳା ରଙ୍ଗର ଚଷମା ସହ ଏହି ଗେଟ୍‌ଅପ୍ ଯୁବତୀଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ।

**ଫ୍ଲୋରାଲ୍ ଟପ୍ସ ଓ ଡେନିମ୍ ଶର୍ଟ୍ସ:** ଖରାଦିନେ ଫ୍ଲୋରାଲ୍ ପ୍ରିଣ୍ଟ ଆଉଟ୍‌ଫିଟ୍ କୁଲ୍ ଲୁକ୍ ଦେଇଥାଏ। ଯୁବତୀମାନେ ଚାହିଁଲେ ଡେନିମ୍ ଶର୍ଟ୍ସ ସହ ଫ୍ଲୋରାଲ୍ ପ୍ରିଣ୍ଟ ଥିବା ଟପ୍ସକୁ ମଧ୍ୟ ପେୟାର୍ କରିପାରିବେ। ଉଭୟ ସ୍ଲିଭ୍ ଲେସ୍ ହେଉ ଅବା ଫୁଲ୍ ସ୍ଲିଭ୍ ବାଲା ଫ୍ଲୋରାଲ୍ ଟପ୍ସ ଡେନିମ୍ ଶର୍ଟ୍ସ ସହ ଭଲ ମାନିଥାଏ।

**ବ୍ଲେଜର୍ ଓ ଡେନିମ୍ ଶର୍ଟ୍ସ:** ବ୍ଲେଜର୍ ପିନ୍ଧିଲେ ସୋବର୍ ଲୁକ୍ ମିଳେ। ଆଉ ଡେନିମ୍ ଶର୍ଟ୍ସ ସହ ଏହାକୁ ପେୟାର୍ କଲେ ଲୁକ୍ ଟିକେ ଡିଫରେଣ୍ଟ ଲାଗେ। ତେବେ ବ୍ଲେଜର୍ ପିନ୍ଧିଲାବେଳେ ଆପଣ ଚାହିଁଲେ ପ୍ରଥମେ କୌଣସି ମ୍ୟାଚିଂ ଶାର୍ଟ କିମ୍ବା ଟି-ଶାର୍ଟ ପିନ୍ଧି, ତା'ଉପରେ ବ୍ଲେଜର୍ ପିନ୍ଧିପାରିବେ। ଏହା ସହିତ ପାଦରେ ହିଲ୍ କିମ୍ବା ସୁ ବି ଟ୍ରାଏ କରିପାରିବେ। ସେହିପରି ହାତରେ ପତଳା ବ୍ରେସ୍‌ଲେଟ୍ ପିନ୍ଧିବା ସହ ଛୋଟ କ୍ଲଚ୍ ଧରିଲେ ଷ୍ଟାଇଲିଶ୍ ଲାଗେ।

**ସ୍ରଗ୍ ଓ ଡେନିମ୍ ଶର୍ଟ୍ସ:** କମ୍ଫର୍ଟେବଲ୍ ଲୁକ୍ ଦିଏ ସ୍ରଗ୍। ଆଉ ଶର୍ଟ୍ସ ସହ ସ୍ରଗ୍‌କୁ ପେୟାର୍ କଲେ କ୍ଲାସି ଲୁକ୍ ମିଳେ। ତେବେ ସ୍ରଗ୍ ଚୟନ କଲାବେଳେ ସବୁବେଳେ ଦେଖିବେ ଏହାର ଫ୍ୟାବ୍ରିକ୍ ଯେତେ ହାଲ୍‌କା ହୋଇଥିବ ; ନ ହେଲେ ଖରାଦିନେ ପିନ୍ଧି ହେବ ନାହିଁ। ସେହିପରି ଫ୍ଲୋରାଲ୍ ପ୍ରିଣ୍ଟବାଲା ସ୍ରଗ୍ ହେଉ ଅବା ଲାଇଟ୍ କଲର୍‌ର ସ୍ରଗ୍ ବି ଶର୍ଟ୍ସ ସହ ଭଲ ମାନିଥାଏ।

**ଢିଲା ଶାର୍ଟ ଓ ଡେନିମ୍ ଶର୍ଟ୍ସ:** ଡେନିମ୍ ଶର୍ଟ୍ସ ସହ ଶାର୍ଟର କମ୍ବିନେଶନ ବି ପରଫେକ୍ଟ ମ୍ୟାଚ୍ କରିଥାଏ। ଆଉ ଖରାଦିନେ ଆପଣ ଚାହିଁଲେ ଶର୍ଟ୍ସ ସହ ଢିଲା ଶାର୍ଟକୁ ମଧ୍ୟ ପେୟାର କରିପାରିବେ। ଏହିଦିନେ ଷ୍ଟ୍ରାଇପ୍ ଶାର୍ଟର ଡିମାଣ୍ଡ ଯୁବପିଢିଙ୍କ ଭିତରେ ବହୁତ ରହିଥାଏ। ତାକୁ ମ୍ୟାଚ୍ କରି ଆପଣ ପାଦରେ ଚାହିଁଲେ ସ୍ନିକର୍ସ ସୁ ମଧ୍ୟ ଟ୍ରାଏ କରିପାରିବେ।

**ଢିଲା ହାଫ୍ ସ୍ଲିଭ୍ ଟି-ଶାର୍ଟ ଓ ଡେନିମ୍ ଶର୍ଟ୍ସ:** ଖରାଦିନେ ଟି-ଶାର୍ଟ ପିନ୍ଧିବା ଅନେକଙ୍କର ପସନ୍ଦ। ଖାସ୍ କରି ଟିକେ ଢିଲା ଟି-ଶାର୍ଟ ପିନ୍ଧିଲେ କମ୍ଫଟେବଲ୍ ଲାଗେ। ଆଉ ଡେନିମ୍ ଶର୍ଟ୍ସ ସହ ଏହାକୁ ପେୟାର କରି ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳେ। ଖାସ୍ କରି ହାଫ୍ ସ୍ଲିଭ୍ ବାଲା ଢିଲା ଟି-ଶାର୍ଟ ଡେନିମ୍ ଶର୍ଟ୍ସ ସହ ଭଲ ମାନିଥାଏ।









# ସାଇକେଲ ରାଣୀ




ଦୀର୍ଘ ପଚାଶ ବର୍ଷ ତଳେ ଯେତେବେଳେ ଜାତୀୟ କିମ୍ବା ଆନ୍ତର୍ଜାତିକ ସ୍ତରରେ ଆୟୋଜିତ ହେଉଥିବା କ୍ରୀଡ଼ା ଉତ୍ସବଗୁଡ଼ିକରେ ଅନ୍ୟାନ୍ୟ ରାଜ୍ୟର କ୍ରୀଡ଼ାବିତ୍‌ମାନେ ବେଶ୍ ସୁନାମ ଅର୍ଜନ କରି ରାଜ୍ୟର ଗୌରବ ବୃଦ୍ଧି କରାଉଥିଲେ, ସେ ସମୟରେ ଜଣେ ଓଡ଼ିଆ ଝିଅ ପଡ଼ିଆରେ ଜାତୀୟ ପୁରସ୍କାର ଲାଭ କରି ଓଡ଼ିଶାର ଯୁବ ମାନସରେ ଆଲୋଡ଼ନ ସୃଷ୍ଟି କରିଥିଲେ। ରାଜ୍ୟ ପାଇଁ ଆଣିଥିଲେ ଗୌରବ। ଯିଏ ପରବର୍ତ୍ତୀ ସମୟରେ ଆଦର୍ଶ ପାଲଟିଥିଲେ ଓଡ଼ିଆ କ୍ରୀଡ଼ାପ୍ରେମୀଙ୍କ ପାଇଁ। କଠିନ ଅଭ୍ୟାସ, ନିଜର ନିଷ୍ଠା ଓ ସାଧନା ବଳରେ ୧୯୮୦ ମସିହାରେ ଏପରି ଏକ ଆତ୍ମବିଶ୍ୱାସ ସୃଷ୍ଟି କରିପାରିଥିଲେ ମିନତି ମହାପାତ୍ର। ଦେଶର ମର୍ଯ୍ୟାଦାଜନକ କ୍ରୀଡ଼ା ସମ୍ମାନ ଅର୍ଜୁନ ପୁରସ୍କାର ଲାଭ କରିବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ। ୧୯୫୫ ମସିହା ଡିସେମ୍ବର ୩୧ ତାରିଖରେ ମିନତିଙ୍କ ଜନ୍ମ। ବାପା ଜଗନ୍ନାଥ ମହାପାତ୍ର ଓ ମା' ମନୋରମା ମହାପାତ୍ର। ରାଉରକେଲା ଇସ୍ପାତ କାରଖାନାରେ ବାପାଙ୍କ ନିଯୁକ୍ତି ଥିବାରୁ, ସେହିଠାରୁ ହିଁ ସ୍କୁଲ, କଲେଜ ଶିକ୍ଷା ସମାପ୍ତ କରିଥିଲେ ମିନତି। ଖେଳ ପ୍ରତି ଆକର୍ଷଣ ଖୁବ୍ ଛୋଟଦିନୁ ରହିଥିଲା ତାଙ୍କର। ମାତାପିତାଙ୍କ ପ୍ରେରଣା କ୍ରମେ ଇସ୍ପାତ ସ୍କୁଲରେ ପଢୁଥିବା ସମୟରୁ ହିଁ ମିନତିଙ୍କର ସଫଳତାର ଅଭିଯାନ ଆରମ୍ଭ ହୋଇଥିଲା।



୧୯୬୯ ମସିହାରେ ଭିଲାଇଠାରେ ଅନୁଷ୍ଠିତ ହୋଇଥିବା ଆଥଲେଟିକ୍ସ ପ୍ରତିଯୋଗିତାରେ ସ୍କୁଲ ତରଫରୁ ପ୍ରତିନିଧିତ୍ୱ କରି ସେ ତୃତୀୟ ସ୍ଥାନ ଅଧିକାର କରିଥିଲେ। କଲେଜରେ ପଢୁଥିବା ସମୟରେ ମଧ୍ୟ ଆଥଲେଟିକ୍ସ ଚାମ୍ପିୟନ ରହୁଥିଲେ ମିନତି। ତେବେ ଆଥଲେଟିକ୍ସ ଖେଳୁଥିଲେ ମଧ୍ୟ ମନ ଭିତରେ ରହିଥିଲା ସାଇକେଲିଂ ପ୍ରତି ଦୁର୍ବଳତା। ନଅ ବର୍ଷ ବୟସରୁ ସେ ଆରମ୍ଭ କରିଥିଲେ ସାଇକେଲଚାଳନା। ଏ ନେଇ ମିନତି କୁହନ୍ତି, ଯେଉଁ ସମୟରେ ମହିଳାମାନେ ଘରୁ ଗୋଡ଼ କାଢ଼ିବାକୁ ସଙ୍କୋଚ କରୁଥିଲେ, ସମାଜରେ ଆଧୁନିକତା ସ୍ପର୍ଶ କରି ନଥିଲା, ସେ ସମୟରେ ବାପାଙ୍କର ପୁରୁଣା ସାଇକେଲ୍ ଖଣ୍ଡିକ ଧରି ମୁଁ ରାଉରକେଲା ରାସ୍ତାରେ ସାଇକେଲିଂ କରୁଥିଲି। ସେତେବେଳେ ଆମ ମଧ୍ୟବିତ୍ତ ପରିବାରରେ ଏତେଟା ସ୍ୱାଧୀନତା ମିଳିପାରି ନଥିଲା ଝିଅମାନଙ୍କୁ। ଅନେକ ଟାହିଟାପରା ଶୁଣିଛି। କେତେବେଳେ କେମିତି ନିରାଶ ହୋଇଛି ମନ। କିନ୍ତୁ ହାରିଯାଇ ପଛକୁ ଫେରିନି। ପାଦ ଆଗକୁ ବଢ଼େଇଛି। ସ୍ୱପ୍ନ ଦେଖିବା ସହିତ ତାକୁ ସାକାର କରିବା ପାଇଁ ବହୁ ବାଧାବିଘ୍ନକୁ ସାମ୍ନା କରି ଅଭ୍ୟାସ ଜାରି ରଖିଲି। ଅବଶ୍ୟ ମୋ' ପିତାମାତାଙ୍କ ପ୍ରେରଣା ମୋ ସହିତ ଥିଲା। ଦିନେ ପ୍ରଶିକ୍ଷଣ ଶିବିରରେ ଏକ ରେସ୍ ସାଇକେଲ୍ ଦେଖି କୋଚ ଚନ୍ଦ୍ରଶେଖର ଜେନାଙ୍କୁ ଅନୁରୋଧ କରିଥିଲି କିଛି ସମୟ ସାଇକେଲିଂ କରିବାକୁ। ପ୍ରଥମେ ବାରଣ କରୁଥିଲେ ବି ମୋର ଆଗ୍ରହ ଦେଖି ଅନୁମତି ଦେଇଥିଲେ। ଖୁବ କମ୍ ଦିନ ଭିତରେ ମୁଁ ସମ୍ପୂର୍ଣ୍ଣ ଶିଖିପାରିଲି। ଏହାପରେ ୧୯୭୦ ମସିହାରେ ଜାତୀୟ କ୍ରୀଡ଼ାରେ ଯୋଗଦାନ ପୂର୍ବରୁ ମୁଁ ୧୪ ବର୍ଷ ରୁ କମ୍ ବାଳିକା ବିଭାଗର ଉଭୟ ହାଇଜମ୍ପ ଓ ସାଇକେଲିଂରେ ରାଉରକେଲା ସ୍ତରରେ ହେଉଥିବା ପ୍ରତିଯୋଗିତାରେ ପ୍ରଥମ ହୋଇ ଜିଲ୍ଲା ସ୍ତରକୁ ଆସିଲି । ସେଦିନ ରାଉରକେଲା ସ୍ତରରେ ପ୍ରଥମ ହେବା ଥିଲା ମୋ ପାଇଁ ଆନନ୍ଦର କଥା। ଏହାପରେ ମୁଁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ପ୍ରସ୍ତୁତ ହୋଇଥିଲି। ଜିଲ୍ଲାସ୍ତରରୁ ରାଜ୍ୟସ୍ତରକୁ ଉତ୍ତୀର୍ଣ୍ଣ ହୋଇ ଉଭୟ ଖେଳରେ ପ୍ରଥମ ଓ ଦ୍ୱିତୀୟ ହେବା ପରେ ଜାତୀୟ ସ୍ତରରେ ଖେଳିବାକୁ ମନୋନୀତ ହୋଇଥିଲେ। ସେଠାରେ କିନ୍ତୁ ଦୁଇଟି ଖେଳରେ ଗଭୀର ରୁଚି ରଖିଥିବା ମିନତି ନିଜର ପ୍ରଥମ ପସନ୍ଦ ଭାବେ ସାଇକେଲିଂକୁ ବାଛିଥିଲେ ଓ ଜାତୀୟ ସ୍ତରରେ ପ୍ରଥମ ହୋଇ ବ୍ରୋଞ୍ଜ ପଦକ ଜିତିଲେ। ୧୯୭୦ ରୁ ୧୯୭୯ ମଧ୍ୟରେ ଏକାଧିକ ରେକର୍ଡ ସହ ଜାତୀୟ ସାଇକେଲିଂ ଚାମ୍ପିୟନଶିପ୍‌ରେ ପ୍ରାଧାନ୍ୟ ବିସ୍ତାର କରି ମିନତି ଆଠଥର ଜାତୀୟ ରେକର୍ଡ ସୃଷ୍ଟି କରିଥିଲେ। ୧୯୭୯ ମସିହାରେ ଶ୍ରୀଲଙ୍କାର କଲମ୍ବୋଠାରେ ଭାରତ ଶ୍ରୀଲଙ୍କା ମିଟ୍‌ରେ ୫ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରି ଆନ୍ତର୍ଜାତିକ ସଫଳତା ହାସଲ କରିଥିଲେ। ଏହି ସଫଳତା ହିଁ ତାଙ୍କୁ ଏକ ନୂଆ ପରିଚୟ ଦେଇଥିଲା ଭାରତୀୟ ସାଇକେଲିଂ ଦୁନିଆରେ ଫ୍ଲାଇଂ କୁଇନ୍ ନାମରେ। ଏହାର କିଛିଦିନ ପରେ ମିନତି ପାଇଥିଲେ ମର୍ଯ୍ୟାଦାଜନକ କ୍ରୀଡ଼ା ସମ୍ମାନ ଅର୍ଜୁନ ପୁରସ୍କାର। ନିଜ ଜନ୍ମଭୂମି ପାଇଁ ଏହି ଗୌରବ ଆଣିବା ଥିଲା ତାଙ୍କ ଜୀବନର ଶ୍ରେଷ୍ଠ ମୁହୂର୍ତ୍ତ। ତେବେ ସଫଳତାର ଶୀର୍ଷ ଛୁଇଁକି ବି ଗୋଟିଏ ଅବସୋସ ରହିଯାଇଛି ତାଙ୍କ ମନରେ। ଭାରତୀୟ ମହିଳା ଟିମ୍ ସେ ସମୟରେ ଅଲିମ୍ପିକ୍‌ରେ ଭାଗ ନେଇ ପାରୁନଥିବାରୁ ଅଲିମ୍ପିକ୍‌ରେ ଭାଗ ନେବାର ସ୍ୱପ୍ନ ମନ ମଧ୍ୟରେ ରହିଯାଇଥିଲା ମିନତିଙ୍କର ଓଡ଼ିଶା ସାଇକେଲିଂ ଆସୋସିଏସନ୍‌ର ସଭାପତି, ରାଜ୍ୟ ସରକାରଙ୍କ ପଦ୍ମ କମିଟିର ମେମ୍ବର, ରାଉରକେଲା ସ୍ୱଚ୍ଛ ଭାରତ ଅଭିଯାନର ବ୍ରାଣ୍ଡ ଆମ୍ବାସାଡର ଥିବା ମିନତି ୨୦୦୬ ମସିହାରେ ବିଜୁ ପଟ୍ଟନାୟକ ରାଜ୍ୟ କ୍ରୀଡା ପୁରଷ୍କାର ରେ ସମ୍ମାନିତ ହୋଇଥିଲେ। ଏଥିସହ ପ୍ରଜାତନ୍ତ୍ର ପୁରସ୍କାର, ଖାରବେଳ ପୁରସ୍କାର, ମୋହନ କୁମାର ମଙ୍ଗଳମ୍ ପୁରସ୍କାର ପାଇବା ସହ ରାଜ୍ୟ ତଥା ଜାତୀୟସ୍ତରରେ ଅନେକ କ୍ରୀଡ଼ା ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ହୋଇଛନ୍ତି।୧୯୭୨ରୁ ୧୯୭୯ ମଧ୍ୟରେ ଦେଶର ଦ୍ରୁତତମ ମହିଳା ଚାଳିକା ଭାବେ ବିବେଚିତ ମିନତି ରାଜ୍ୟରୁ ଅନେକ ସଫଳ ସାଇକ୍ଲିଷ୍ଟ ବାହାରନ୍ତୁ ବୋଲି ଆଶା ରଖିଛନ୍ତି।

୧୯୮୬ ମସିହାରେ ସେ ବିବାହ କରନ୍ତି ନବ କିଶୋର ଦାସ ଓ ରତ୍ନାମଣି ଦେବୀଙ୍କ ପୁଅ ପ୍ରକାଶ ଚନ୍ଦ୍ର ଦାସଙ୍କୁ। ସ୍ୱାମୀ ମଧ୍ୟ ରାଉରକେଲା ଷ୍ଟିଲ ପ୍ଲାଣ୍ଟରୁ ଜେନେରାଲ ମ୍ୟାନେଜର ପଦରୁ ଅବସର ନେଇଛନ୍ତି। ଏବେ ସମାଜ ବଦଳିବା ସହିତ ଲୋକଙ୍କର ମାନସିକତାରେ ଆସିଛି ପରିବର୍ତ୍ତନ। ଆମ ସମୟ ପରି ଝିଅମାନଙ୍କ ପାଇଁ ବର୍ତ୍ତମାନ କୌଣସି କଟକଣା ନାହିଁ। ରାଜ୍ୟ ଓ କେନ୍ଦ୍ର ସରକାର କ୍ରୀଡ଼ା କ୍ଷେତ୍ରକୁ ବହୁ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ଆମ ରାଜ୍ୟରେ ବର୍ତ୍ତମାନ କିଟ୍ ଓ କିସ୍ ତରଫରୁ ଏକ ସାଇକେଲିଂ ଟ୍ରାକ ଥିବାବେଳେ, ରାଜ୍ୟ ସରକାରଙ୍କ ତରଫରୁ ମଧ୍ୟ ଅଧିକରୁ ଅଧିକ ସାଇକେଲିଂ ଟ୍ରାକ ଆରମ୍ଭ କରିବାର ଯୋଜନା ରହିଛି। ସୁଯୋଗ ରହିଲେ ଆଗକୁ ଆମ ରାଜ୍ୟରୁ ଅନେକ ସାଇକେଲ ଚାଳକ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଗୌରବ ଆଣିପାରିବେ। ସାଇକେଲିଂ ପ୍ରତି ଲୋକଙ୍କର ଆଗ୍ରହ ବଢିବା ଉଚିତ। ସାଇକେଲ ମୋର ପ୍ରଥମ ପ୍ରେମ, ସାଇକେଲ ଚାଳନା କେବଳ ଏକ କ୍ରୀଡ଼ା ନୁହେଁ, ଶରୀର ସୁସ୍ଥ ରହିବା ସହିତ ପ୍ରଦୂଷଣମୁକ୍ତ ପରିବେଶ ଗଠନରେ ମଧ୍ୟ ସହାୟକ ହୋଇଥାଏ। ଅବସର ପରେ ଭୁବନେଶ୍ୱରରେ ରହୁଥିବା ମିନତି, ରାଜ୍ୟରେ କ୍ରୀଡ଼ା କ୍ଷେତ୍ରରେ ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି।

– ପ୍ରିୟମ୍ବଦା ରଥ (ହାଇଦ୍ରାବାଦ)
ମୋ: ୮୬୮୮୯୫୭୮୦୦








# ଫଗୁଣ ଆସିଛି ବୋଲି...



## ଫଗୁଣ

-ସଂଜୟ ଭଞ୍ଜ

ଏ ଫଗୁଣ ଲାଗେ ଆଜି
ମୋ ପାଇଁକି ରଙ୍ଗ ହୀନ,
ସବୁ ରଙ୍ଗ ତୁମକୁ ଦେଇ
ହୋଇଚି ଆଜି ମୁଁ ଶୂନ୍ୟ ।
ରଙ୍ଗ ନାହିଁ ହୃଦୟରେ
ରଙ୍ଗହୀନ ଚିତ୍ରକର,
ମୋତେ ଦେଖି କୃଷ୍ଣଚୁଡା
ହସୁଥାଏ ବାରବାର ,
ରଙ୍ଗ ବିନା ଜୀବନଟା
କଳାଧଳା ମୂଲ୍ୟ ହୀନ ।
ଏ ଫଗୁଣ ଲାଗେଆଜି
ମୋ ପାଇଁ କି ରଙ୍ଗହୀନ ......
ତୁମ ଛବି ଆଙ୍କି ନିତି
ଖୋଜୁଥାଏ ନୂଆ ରଙ୍ଗ,
ରଙ୍ଗ ହୀନ ଅନ୍ତରରେ
ଉଠେ ନିରାଶା ତରଙ୍ଗ ,
କେଉଁ ଆଶା ଭରି ଏବେ
ଭୋଗିବି ମଧୁ ଫଗୁଣ ।
ଏ ଫଗୁଣ ଲାଗେଆଜି
ମୋ ପାଇଁ କି ରଙ୍ଗହୀନ ......।

-ଲୁମ୍ବିନୀ ବିହାର , ଭୁବନେଶ୍ୱର
ମୋ: ୯୪୩୭୯୩୬୫୮୧

## ହେ ଫଗୁଣ

-ମିନାକ୍ଷୀ ଦ୍ୱିବେଦୀ

ଆସଗୋ ଫଗୁଣ ଚଇତାଳି ସାଥେ
ଅବିର, ଚନ୍ଦନ ନେଇ
ମୋ ପ୍ରୀୟା ଅଙ୍ଗକୁ ଛୁଇଁ ଯିବ ବାରେ
ତନ ମନ ଶିହରାଇ ।

ମୋ ମନୋଇ ପ୍ରୀୟା ରଷି ବସିଛି ଆଜି
ଖେଳିବନି ରଙ୍ଗ ହୋଲି
ଇଙ୍ଗିତେ ଇଙ୍ଗିତେ ପ୍ରୀତି ରଙ୍ଗ ନେଇ
ସଜନୀକୁ ଦେବ ବୋଲି ।

ଶ୍ରାବଣୀ ବର୍ଷାରେ ଭିଜୁଥିଲା ପ୍ରୀୟା
ମଧୂର ମୂର୍ଚ୍ଛନା ସୁରେ
ସିକ୍ତ ମନ ତାର ବେପଥୁ ସାଜିଛି
ଖୋଜୁଛି ମୁଁ ନିରବରେ ।

ଫଗୁବୋଳା ଏଇ ଗୋଧଳୀ ଲଗ୍ନରେ
ଫିକା ଫିକା ତାର ହସ
ନିଃଶବ୍ଦ ଆଜି ତା ପାଉଁଜୀର ଶବ୍ଦ
ଜୋଛନାର ନାହିଁ ଭାଷ ।

ଆସ ହେ ଫଗୁଣ ବଉଳର ବାସେ
କୃଷ୍ଣଚୁଡା ରଙ୍ଗ ନେଇ
ଫୁଲର ମହକେ ,ପ୍ରେମର ପୀୟୂଷେ
ପ୍ରୀୟା କୁ ଦେବ ଭିଜାଇ ।

-ନୂଆଦିଲ୍ଲୀ
ମୋ: ୭୯୭୮୦୮୨୮୩୪

## ଆସିଛି ଫଗୁଣ

-ଗଗନ ବିହାରୀ ନାୟକ

ବାସ୍ନାୟିତ ଫୁଲ ସଂଜ
ମଳୟର ଛୁଆଁ ।
ନବ ପଲ୍ଲବିତ ଶାଖାରେ
କୋକିଳ ଗୁଞ୍ଜନ
ବୋଧେ ଆସିଛି ଫଗୁଣ ।

ସହକାରେ ବଉଳର ବାସ୍ନା
ମଧୂପର ମଧୂ ତୃଷା
ତୋଳେ ମଧୁ ଗୁଞ୍ଜରଣ
ବୋଧେ ଆସିଛି ଫଗୁଣ ।

ନିରବ ନିଭୃତ ଅନ୍ତରେ
କାମନାର ମୃଦୁ ଶିହରଣ ।
ଉଲ୍ଲସିତ କରେ ଜୀବନ
ବୋଧେ ଆସିଛି ଫଗୁଣ ।

ମୁରୁଜ ଛଟାର ସଂଜେ
ବହେ ମୃଦୁ ସମୀରଣ
ମୁକୁଳା ଉନ୍ମାଦନା ମନ
ବୋଧେ ଆସିଛି ଫଗୁଣ ।

-୫୪୧, ମଞ୍ଚେଶ୍ୱର,
ଭୁବନେଶ୍ୱର-୧୭
ମୋ: ୭୨୦୫୨୯୩୮୫୭

## ଫଗୁଣ ର ରଙ୍ଗ

-ମୈତ୍ରେୟୀ କମିଳା

ମୋ ହାତରେ ରଙ୍ଗ ମୁଠେ ଦେଇଯା
ମାଖିବି ଆକାଶକୁ
କେବେ ଠୁ ପୃଥିବୀଟା
ଧୂସର ହେଲାଣି
ଋତୁସବୁ ବାଟଭାଙ୍ଗି ଚାଲିଛନ୍ତି
କେଜାଣି ମୁହୂର୍ତ୍ତଟି କେବେ ପାଖକୁ
ଆସିଯିବ
ଜହ୍ନଟା ଖୋଜିବାରେ ବ୍ୟସ୍ତ ଥିବ
ନଡ଼ିଆ ଗଛ ଫାଙ୍କ, ଗାଁ ବିଲ,
ଉଞ୍ଚା ମାଟି ପିଣ୍ଡାର ଚାଳ ,
ପାହାନ୍ତିଆ ତାରାର ଛବିରେ ।

ବଉଳ ହେନାର ବାସ୍ନା ଛୁଟିବା ଆଗରୁ
ପୁଣି ଥରେ ଗାଁର ମୋଡ଼ ଦିଶିବ
ଭଙ୍ଗା ଖପରା ଖେଳରେ
ମିଶୁଥିବ ହୋଲିର ରଙ୍ଗ
କେବେ ସବୁଜ କେବେ ଗୋଲାପୀ
ଆମେ କିନ୍ତୁ ସାଉଁଟିବାରେ ବ୍ୟସ୍ତ ଥିବା
ନାଲି କୃଷ୍ଣଚୁଡା ଭିତରେ ଫଗୁଣର
ରଙ୍ଗକୁ ଅନ୍ଧାର ଆସିବା ପୂର୍ବରୁ ।

-ନଭି ମୁମ୍ବାଇ, ନେରୁଲ
ମୋ:୯୦୨୯୧୯୯୬୫୦

## ମନ ରଙ୍ଗ

-ବୃନ୍ଦାବନ ଦାଶ

ଦେହରୁ ରଙ୍ଗ ମୋ
ମଉଳି ଗଲାଣି
ବୟସ ବୋଝରେ ସିନା
ବଞ୍ଚି ପାରିବିନି
ସ୍ନେହ ମମତାରେ
ରଙ୍ଗାୟିତ ମନ ବିନା ।
ସେଇ ମନ ଧରି
ଚାଲିଛି ମୁଁ ବାଟ
ନଇଁ ପଡି ବୟସରେ
ତଥାପି ବିତୁଛି
ଦିନ ପରେ ଦିନ
ସେବାଦେଇ ହରଷରେ ।

-ଭୁଗୁଡାକଟା, ବାରିପଦା
ମୋ:୮୭୬୩୫୨୦୩୬୫





ଶ୍ରୁତି ହାସନ

# କେବଳ ଡେଟ୍ ପାଇଁ

କମଲ ତନୟା ଶ୍ରୁତି ହାସନ ଏବେ ଅନୁତାପ କରୁଛନ୍ତି। କାରଣ ନିକଟରେ ସେ ଭଲ ଭଲ ଦୁଇଟି ଅଫର ହାତଛଡା କରିଛନ୍ତି। କାରଣ ଏହାବ୍ୟତୀତ ତାଙ୍କ ନିକଟରେ ଆଉ କିଛି ଉପାୟ ନ ଥିଲା। ହେଲେ କ'ଣ ପାଇଁ ସେ ଏଭଳି ନିଷ୍ପତ୍ତି ନେଲେ ଜାଣିବେନି ? ଅସଲ କଥା ହେଲା, ଶ୍ରୁତିଙ୍କ ପାଖରେ ଏବେ ଡେଟ୍ ନାହିଁ। ଏ ନେଇ ଶ୍ରୁତି କହନ୍ତି, 'ମୋ ହାତରେ ଡେଟ୍ ନ ଥିବାରୁ ଦୁଇଟି ଭଲ ଅଫର ହାତଛଡା କରିଛି। ଅବଶ୍ୟ ଏ ନେଇ ଟିକେ ଅନୁତାପ କରୁଛି। ହେଲେ ସେତେବେଳେ ମୋ ପାଖରେ ଆଉ କିଛି ଉପାୟ ନ ଥିଲା। ସେଇସବୁ ସିନେମାର ଶୁଟିଂ ଶେଷ ହେବା ପରେ ନୂଆ ସିନେମା ବିଷୟରେ ଚିନ୍ତା କରିବି।' ଗତ ମାସରେ ସେ ନୂଆ ସିନେମା 'ସଲାର୍' ସାଇନ୍ କରିଛନ୍ତି। ପ୍ରଥମେ ଏହି ଚଳଚ୍ଚିତ୍ରରେ ନାୟିକା ଭୂମିକାରେ କିଏ ଅଭିନୟ କରିବ ସେ ନେଇ ବେଶ୍ କଳ୍ପନା ଜଳ୍ପନା ଲାଗି ରହିଥିଲା। ଅନୁଷ୍କା ସେଟ୍ଟି, କିର୍ତ୍ତି ସୁରେଶ ଡେଟ୍ ପ୍ରୋବ୍ଲେମ ପାଇଁ ମନା କରିଥିଲେ। ତା'ପରେ ଶ୍ରୁତି ହାସନଙ୍କୁ ଯୋଗାଯୋଗ କରାଯାଇଥିଲା ଏବଂ ସେ ଏଥିରେ ଅଭିନୟ କରିବାକୁ ରାଜି ହୋଇଥିଲେ। ଏହି ଫିଲ୍ମର ନାୟକ ସାଜୁଛନ୍ତି 'ବାହୁବଳି' ଫେମ୍ ପ୍ରଭାସ।



ଆଲିଆ

# ସନାୟା ଚରିତ୍ରକୁ ଭୁଲି ହେଉନି

ଆଲିଆ ଭଟ୍ଟଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର'। କରନ୍ ଜୋହରଙ୍କର ଏହି ଫିଲ୍ମ ତାଙ୍କୁ ପ୍ରାରମ୍ଭରୁ ହିଁ ସଫଳତା ଦେବାରେ ସକ୍ଷମ ହୋଇଥିଲା। ଇତିମଧ୍ୟରେ ସେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିବା ସହ ନିଜକୁ ନାୟିକା ଦୌଡରେ ସାମିଲ କରିସାରିଲେଣି। ହେଲେ ନିଜର ପ୍ରଥମ ରୋଲ୍‌କୁ ସେ ଭୁଲି ପାରୁନାହାନ୍ତି। ଏହି ଫିଲ୍ମରେ ତାଙ୍କ ଚରିତ୍ରର ନାମ ଥିଲା ସନାୟା ସିଂଘାଣିଆ। ଏ ସମ୍ପର୍କରେ ଆଲିଆ କହନ୍ତି, 'ମୋର ପ୍ରଥମ ସିନେମା ଥିଲା କରନ୍‌ଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର'। ଏହି ଫିଲ୍ମ ପାଇଁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ଅଡିସନ ସମୟରେ ପାଖାପାଖି ୧୦୦ ଜଣଙ୍କ ମଧ୍ୟରୁ ମୋତେ ମନୋନୀତ କରାଯାଇଥିଲା। ଏହାବ୍ୟତୀତ ଏଥିରେ ମୋ ଭୂମିକା (ସନାୟା)କୁ ମୁଁ କଦାପି ଭୁଲିପାରିବି ନାହିଁ। କାରଣ ଏହି ଭୂମିକାଟି ମୋ ପାଇଁ ଆଶୀର୍ବାଦ ପରି ଥିଲା।' କେବଳ ପ୍ରଥମ ସିନେମା ନୁହେଁ, 'ଉଡ୍‌ତା ପଞ୍ଜାବ' ଏବଂ 'ରାଜି'ରେ ଆଲିଆଙ୍କ ଭୂମିକା ଦର୍ଶକଙ୍କୁ ପ୍ରଭାବିତ କରିଥିଲା। ଜଣେ ଶିଶୁ କଳାକାର ଭାବରେ 'ସଂଘର୍ଷ' ଫିଲ୍ମରୁ ଆଲିଆ ନିଜର ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ଏଥିରେ ତାଙ୍କୁ ପ୍ରୀତି ଜିଣ୍ଟାଙ୍କର ପିଲାଦିନ ଭୂମିକାରେ ଦେଖିବାକୁ ମିଳିଥିଲା।

# ହର୍ଷବର୍ଦ୍ଧନଙ୍କ ଟେନ୍‌ସନ୍



ହର୍ଷବର୍ଦ୍ଧନ

ଅନୀଲ କପୁରଙ୍କ ପୁଅ ହର୍ଷବର୍ଦ୍ଧନ। ନିକଟରେ ତାଙ୍କର ଟେନ୍‌ସନ୍ ବଢ଼ିଯାଇଛି। କାରଣ ସେ ଚଳଚ୍ଚିତ୍ର ସାଇନ୍ କରିବାବେଳେ ଯେଉଁ କାହାଣୀ ଶୁଣିଥିଲେ ଶୁଟିଂ ସମୟରେ ସେଥିରେ କିଛି ପରବର୍ତ୍ତନ ହୋଇଥିବାର ଦେଖିବାକୁ ପାଇଥିଲେ। ହେଲେ ଯେତେବେଳେ ସେ ଏ ନେଇ ଜାଣିବାକୁ ଚାହିଁଲେ ତାଙ୍କୁ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଏ ନେଇ ହର୍ଷବର୍ଦ୍ଧନ କହନ୍ତି, 'କାହାଣୀ ପରିବର୍ତ୍ତନ ବିଷୟରେ ଜାଣିବା ପରେ ମୁଁ ନିର୍ଦ୍ଦେଶକଙ୍କୁ ପଚାରିଥିଲି। ହେଲେ ତାଙ୍କର ଉତ୍ତର ମୋତେ ସନ୍ତୁଷ୍ଟ କରିପାରି ନ ଥିଲା। ତେବେ ଏହି ଫିଲ୍ମକୁ ନେଇ ମୁଁ କି ନିଷ୍ପତ୍ତି ନେବି ଜାଣିପାରୁନାହିଁ। ଏଥିପାଇଁ ମୁଁ ଟେନ୍‌ସନ୍‌ରେ ଅଛି। ଶୁଣିବାକୁ ମିଳୁଛି ଯେ, ହର୍ଷବର୍ଦ୍ଧନଙ୍କ କଥାକୁ ପ୍ରଯୋଜକ ଗୁରୁତ୍ୱ ସହ ଚିନ୍ତା କରୁଛନ୍ତି। ଏ ନେଇ ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ହର୍ଷବର୍ଦ୍ଧନଙ୍କ ଅଭିନୀତ ପ୍ରଥମ ଫିଲ୍ମ ଥିଲା 'ମିର୍ଜ୍ୟା'। ରାକେଶ ଓମ୍ ପ୍ରକାଶ ମେହେରାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତ ଭାବରେ ଷ୍ଟାର ସ୍କ୍ରିନ୍ ଆୱାର୍ଡ ମିଳିଥିଲା।

# ଓମ୍ ସ୍ୱାହା



ଜ୍ୟୋତି

ବାପା-ପୁଅ ଏବଂ ଭାଇ-ଭଉଣୀର ଅନାବିଳ ସମ୍ପର୍କକୁ ଆଧାର କରି ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ଓମ୍ ସ୍ୱାହା'। ଅର୍ଚ୍ଚନା ମୁଭିଜ ଏବଂ ସିଆର ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି ବିଜୟ ଦ୍ୱିବେଦୀ। ତା' ସହ ସେ ଏହାର କାହାଣୀ ମଧ୍ୟ ରଚନା କରିଛନ୍ତି। କାହାଣୀ ଅନୁସାରେ କେତେକ ନିଜର ଲକ୍ଷ୍ୟ ପଥରେ ଅଗ୍ରସର ହେବା ସମୟରେ ମା-ବାପାଙ୍କୁ ଭୁଲି ଯାଆନ୍ତି। ହେଲେ ଯେତେବେଳେ ସେମାନେ ନିଜର ଭୁଲକୁ ବୁଝିପାରନ୍ତି ଆଉ ଅନୁତାପ କରି ମା-ବାପାଙ୍କ ସେବା କରିବାକୁ ଆଗଭର ହୁଅନ୍ତି ସେମାନେ ସେଥିରେ ସଫଳ ହୁଅନ୍ତି ତ ? ଭାଙ୍ଗି ଯାଇଥିବା ସଂସାର ପୁଣି ଥରେ ଗଢ଼ି ଉଠେ କି ? ଏହାର ଉତ୍ତର ରହିଛି ଚିତ୍ରଟିର କାହାଣୀରେ। ଏହାର ସଂଳାପ ଦାୟିତ୍ୱ ତୁଲାଇଛନ୍ତି ଜଲିଉଡ୍‌ର ଆଗଧାଡ଼ିର ନାଟ୍ୟକାର ହର ବାରିକ। ଅର୍ଚ୍ଚନା ଦ୍ୱିବେଦୀଙ୍କ ସହ ପ୍ରଯୋଜନାରେ ଡା. ନିର୍ମଳ ନାୟକ ଏବଂ ହର ବାରିକଙ୍କ ରଚିତ ଏଥିରେ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଏସ. ଦିଲୀପ ପଣ୍ଡା। ଫିଲ୍ମର ବିଭିନ୍ନ ଭୂମିକାରେ ଜ୍ୟୋତି, ଦିବ୍ୟା, ସସ୍ମିତା, ରାଇମୋହନ, ପ୍ରତିଭା ସାହୁ, ଅସୀତ ପତି, ପ୍ରତିଭା ପଣ୍ଡା, କେକେ, ଜୀବନ ପଣ୍ଡା, ବାବୁ ପ୍ରଧାନ, ଚିନ୍ତାମଣି ବିଶ୍ୱାଳଙ୍କୁ ଦେଖିବାକୁ ମିଳିବ। ଏହି ଫିଲ୍ମର ଶୁଟିଂ ଶେଷ ହୋଇ ଏଡିଟିଂ କାମ ଚାଲୁ ରହିଛି।




କ୍ରିତି

# ବଗିଚାରେ ମନ

କଥାରେ ଅଛି ବସିବା ଠାରୁ କାଶିବା ଭଲ। ତେଣୁ ଘରେ ବସି ବସି କାହିଁକି ବର ବୋର୍ ହେବେ, ତେଣୁ ପ୍ରତିଦିନ କିଛି ସମୟ ଗାର୍ଡେନିଂ ପାଇଁ ସମୟ ଦେଉଛନ୍ତି କ୍ରିତି ସାନନ୍। ଏ ବିଷୟରେ ସେ କହନ୍ତି, 'ବର୍ତ୍ତମାନ ମୋତେ ଶୁଟିଂରୁ ବ୍ରେକ୍ ମିଳିଛି। ତେଣୁ ପରିବାର ସହ ସମୟ କଟାଉଛି। ଘରେ ବା କାହିଁକି ବସି ରହିବି, ସେଥିଲାଗି ଘର ସାମନାରେ ଥିବା ଗାର୍ଡେନରେ ନିଜକୁ ନିୟୋଜିତ ରଖୁଛି। ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା। କିନ୍ତୁ ପାଠ ପଢ଼ା ଏବଂ ବଲିଉଡ୍‌ରେ ବ୍ୟସ୍ତ ରହିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି। ହେଲେ ଏବେ ମୁଁ ପ୍ରତିଦିନ କିଛି ସମୟ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି। ନୂଆ ଫୁଲ ଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି।' କେବଳ ସେତିକି ନୁହେଁ, ନିଜ ଗାର୍ଡେନରେ ସେ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ସେଗୁଡିକୁ ନିଜର ସୋସିଆଲ ମିଡିଆରେ ଅପଲୋଡ୍ କରୁଛନ୍ତି। ଅନ୍ୟପକ୍ଷରେ ଏବେ ତାଙ୍କ ହାତରେ ଦୁଇଟି ଅଫର ରହିଛି। ତେବେ ସେଗୁଡିକୁ ଭଲ ଭାବରେ ତର୍ଜମା କରିବା ପରେ ଯାଇ ସେଥିରେ କାମ କରିବାର ନିଷ୍ପତ୍ତି ନେବେ ବୋଲି କହନ୍ତି କ୍ରିତି।

# ଅପେକ୍ଷାର ଫଳ ମିଠା

କଥାରେ ଅଛି-ଅପେକ୍ଷାର ଫଳ ମିଠା। ହେଲେ ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡିଥାଏ। ସେପଟେ ସେ ଯେଉଁ ଭୂମିକାରେ ଅଭିନୟ କରିବାକୁ ମନ ବଳାଇଥିଲେ ତାହା ମଧ୍ୟ ପୂରଣ ହୋଇଛି। କଥା କ'ଣ କି ଏକାଧାରରେ ପ୍ରଯୋଜକ-କମ୍-ଅଭିନେତା ସୂର୍ଯ୍ୟକାନ୍ତ ସାମଲ ଏକ ଭିନ୍ନ ଧରଣର ଭୂମିକାରେ ଦର୍ଶକଙ୍କ ସାମନାକୁ ଆସିବେ। ଫିଲ୍ମଟି ହେଲା 'ବାଳୀ-ଦ ସେଭିୟର'। ଏଥିରେ ଜଣେ ସାଧାରଣ ଯୁବକ ଭୂମିକାରେ ସେ ଅଭିନୟ କରୁଛନ୍ତି। ଏକ ବସ୍ତିବାସିନ୍ଦାର ସୁରକ୍ଷା ପାଇଁ ଯୁବକ ଜଣକ କିପରି ନିଜ ଜୀବନକୁ ବାଜି ଲଗାଇ ଦେଉଛି ତାହା ଏଥିରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ମାମା ସାମଲ। ଏଥିରେ ମାମା ଜଣେ ଜର୍ନାଲିଷ୍ଟ ଭୂମିକାରେ ଅଭିନୟ କରିଛନ୍ତି। ସୂର୍ଯ୍ୟକାନ୍ତ-ମାମା ଯୋଡ଼ି ବ୍ୟତୀତ ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ଜୟ ପ୍ରକାଶ ଦାସ, ସ୍ମିତା ମହାନ୍ତି, ହରିହର ମହାପାତ୍ର, ଚିନ୍ତାମଣି ବିଶ୍ୱାଳ, ବାପି ରୟ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ସୂର୍ଯ୍ୟକାନ୍ତ ସାମଲଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି କେ. ମୁରଲୀକ୍ରିଷ୍ଣା। ଫିଲ୍ମଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ସୂର୍ଯ୍ୟକାନ୍ତ।



ସାରା

# କାନ୍ଦି ପକାଇଲେ ସାରା

ସୈଫ ତନୟା ସାରା ଅଲ୍ଲୀ ଖାଁ କେତେ ଭାବପ୍ରବଣ ତାହା ନିକଟରେ ଦେଖିବାକୁ ମିଳିଥିଲା। ନିକଟରେ ଏକ ଫିଲ୍ମର କାହାଣୀ ଶୁଣୁଶୁଣୁ ସେ ଏତେ ଇମୋଶନାଲ ହୋଇଯାଇଥିଲେ ଯେ, ତାଙ୍କ ଆଖିରୁ ଦୁଇ ଟୋପା ଲୁହ ଗଡି ପଡିଥିଲା। କାହାଣୀ ଶୁଣିବା ସମୟରେ ପ୍ରାରମ୍ଭରୁ ବେଶ୍ ଖୁସ୍ ମିଜାସରେ ଶୁଣୁଥିଲେ। ହେଲେ କାହାଣୀର କ୍ଲାଇମାକ୍ସ ସମୟରେ ସାରାଙ୍କ ଆଖି ଛଳଛଳ ହୋଇଯାଇଥିଲା। ଏ ସମ୍ପର୍କରେ ସାରା କହନ୍ତି, 'ଏହାର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ଏହାକୁ ଶୁଣିବାବେଳେ ମୁଁ ଏପରି ମଜ୍ଜି ଯାଇଥିଲି ଯେ ହଠାତ୍ ଇମୋଶନାଲ ହୋଇପଡିଥିଲି। ଜଣେ ଗାଉଁଲି ନାରୀର ସଂଘର୍ଷମୟ ଜୀବନୀକୁ ନେଇ କାହାଣୀ ଗତିଶୀଳ। ଏଥିରେ ମୋତେ ଦର୍ଶକ ଏକ ଭିନ୍ନ ଗେଟ୍‌ଅପ୍‌ରେ ଦେଖିବାକୁ ପାଇବେ। ତା'ସହ ଏପରି ଭୂମିକାକୁ ତୁଲାଇବା ଲାଗି ମୋତେ ଅଧିକ ପରିଶ୍ରମ କରିବାକୁ ପଡିବ।' ତେବେ ଏହି ନୂଆ ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ।

ପ୍ରଥମ ରୋଜଗାର



ତହସିଲଦାର ଓ ସାହିତ୍ୟିକା **ପଲ୍ଲବୀ ନାୟକ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ଦରମା ଟଙ୍କା ମା'ବାପାଙ୍କୁ ଦେଇଥିଲି

କେନ୍ଦୁଝର ଜିଲାର ବୃନ୍ଦାବନପୁର ହେଉଛି ମୋର ପ୍ରକୃତ ଗାଁ। ହେଲେ ମୋ ମା' ଯେହେତୁ କେନ୍ଦୁଝର ଜିଲାର ବାସୁଦେବପୁରରେ ରହି ଶିକ୍ଷକତା କରୁଥିଲେ, ତେଣୁ ମୋର ଜନ୍ମ ସେହିଠାରେ ହିଁ ହୋଇଥିଲା। ପାଠପଢ଼ା ଆରମ୍ଭ ହେଲା ବେଳକୁ ମା'ଙ୍କର ଜୁନାଗଡ଼ ବଦଳି ହୋଇଗଲା। ତେଣୁ ପ୍ରଥମରୁ ତୃତୀୟ ମୁଁ ଜୁନାଗଡ଼ରେ ପଢ଼ିଲି। ତା'ପରେ ମା'ଙ୍କର ପୁଣି କେନ୍ଦୁଝର ବଦଳି ହେବାରୁ ଚତୁର୍ଥ, ପଞ୍ଚମ ସେଠି ପଢ଼ିଲି। ଏହାପରେ ନବୋଦୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ କେନ୍ଦୁଝରର ହଦଗଡ଼ଠାରେ ଥିବା ଜବାହର ନବୋଦୟ ବିଦ୍ୟାଳୟରେ ଷଷ୍ଠରୁ ଯୁକ୍ତଦୁଇ ଯାଏ ପଢ଼ିଥିଲି। ତା'ପରେ କେନ୍ଦୁଝରସ୍ଥିତ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅର୍ଥନୀତିରେ ସ୍ନାତକ ଏବଂ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ପାସ୍ କରି ବିଏଡ୍ କଲି। ବିଏଡ୍ ସରିବା ପରେ ମୋର ବାହାଘର ହୋଇଗଲା। ଶାଶୁଘର ବି ଥିଲା ସେହି କେନ୍ଦୁଝରରେ। ଶାଶୁଘର ଲୋକେ ଏବଂ ମୋ ସ୍ୱାମୀଙ୍କ ସହଯୋଗରେ ପୁଣି ପାଠପଢ଼ା ଆରମ୍ଭ କରି ଏମ୍ଏଡ୍ ପାସ୍ କଲି। ତା'ପରେ ମୋତେ ବାସୁଦେବପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ଚାକିରି ମିଳିଗଲା। ଏହା ଥିଲା ୨୦୦୭ ମସିହାର କଥା। ପ୍ରଥମ ମାସ ଯେଉଁ ଦରମା ପାଇଲି ସବୁଯାକ ଟଙ୍କା ନେଇ ମୋ ମା'ବାପାଙ୍କୁ ଦେଇଥିଲି। କାରଣ ସେମାନେ ହିଁ ମୋତେ ପିଲାଟି ଦିନରୁ ପାଠ ପଢ଼ାଇ, ଗାଇଡ୍ କରି ଯୋଗ୍ୟା କରାଇବାକୁ ଆପ୍ରାଣ ଚେଷ୍ଟା କରିଥିଲେ। ଏଥିରେ ମୋ ସ୍ୱାମୀ ଓ ଶାଶୁଘର ଲୋକଙ୍କର ବି ପୂର୍ଣ୍ଣ ସହମତି ଥିଲା, ସେଥିପାଇଁ ମୋତେ ବହୁତ ଖୁସି ଲାଗିଥିଲା। ତେବେ ଶିକ୍ଷୟିତ୍ରୀ ଭାବେ ଚାକିରିରେ ଜଏନ୍ କରିବା ପୂର୍ବରୁ ୨୦୦୬ରେ ଓଏଏସ୍ ପରୀକ୍ଷା ପାଇଁ ବିଜ୍ଞପ୍ତି ବାହାରିଥିଲା ଆଉ ମୁଁ ସେଥିରେ ଆବେଦନ ବି କରିଥିଲି; ଯାହାର ଫଳାଫଳ ୨୦୧୦ରେ ଆସିଲା। ଓଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଜାଣି ଘରେ ସମସ୍ତେ ବହୁତ ଖୁସି ହୋଇଯାଇଥିଲେ। ମୁଁ ବି ଖୁବ୍ ଖୁସି ଥିଲି। ତା'ପରେ ଶିକ୍ଷୟିତ୍ରୀ ଚାକିରି ଛାଡ଼ି ଟ୍ରେନିଂ ପାଇଁ ଚାଲିଗଲି। ପାଖାପାଖି ବର୍ଷେ ଟ୍ରେନିଂ ନେବା ପରେ ୨୦୧୧ ଅକ୍ଟୋବରରେ ଡେପୁଟି କଲେକ୍ଟର ଭାବେ ବାରିପଦାରେ ଜଏନ୍ କଲି। ୨୦୧୬ ଯାଏ ସେଠି ରହିଲି। ତା'ପରେ ତହସିଲଦାର ଭାବେ ମୟୂରଭଞ୍ଜ ଜିଲାର କୁସୁମି ବାଦାମପାହାଡ଼କୁ ମୋର ବଦଳି ହେଲା। ୨୦୧୮ରେ ପୁଣି ମୋର ବଦଳି ହେଲା ଦେବଗଡ଼କୁ; ଯେଉଁଠାରେ ଏବେ ବି ମୁଁ ତହସିଲଦାର ପୋଷ୍ଟରେ ଅବସ୍ଥାପିତ। ଚାକିରିର ବ୍ୟସ୍ତମୟ ଜୀବନରୁ ସମୟ ବାହାର କରି କିଛି କିଛି ଲେଖାଲେଖି ବି ମୁଁ କରେ। ବିଶେଷକରି ଗପ, କବିତା ଲେଖିବାରେ ଥାଏ ମୋର ରୁଚି। ୟା'ଭିତରେ ୪ଟି ଗଳ୍ପ ଓ ୧ଟି କବିତା ସଂକଳନ ମୋର ପ୍ରକାଶିତ ହୋଇସାରିଲାଣି; ଯାହାର ନାଁ ହେଲା: ଭିଜା ଭିଜା ଋତୁ (ଗଳ୍ପ), ପ୍ରେମିକାପଣ (କବିତା), ଶବ୍ଦ ହଜିଗଲା ପରେ (ଗଳ୍ପ), ଢେଉ (ଗଳ୍ପ) ଏବଂ ଛବି; ଚୂନା ଚୂନା ଚିତ୍ର ଜୀବନର (କ୍ଷୁଦ୍ର ଗଳ୍ପ ସଂକଳନ)। ତା'ଛଡ଼ା ଆଗକୁ ଖୁବ୍ ଶୀଘ୍ର 'ପଲ୍ଲବୀ ନାୟକଙ୍କ ଯେତେ ସବୁ ଅକବିତା' ନାମରେ ଏକ କବିତା ସଂକଳନ ଏବଂ 'ଋତୁର ନାଁ ବସନ୍ତ' ନାମରେ ଏକ ଉପନ୍ୟାସ ବି ମୋର ପ୍ରକାଶିତ ହେବାକୁ ଯାଉଛି। ତେଣୁ ମୁଁ ଏତିକି କହିବାକୁ ଚାହେଁ ଯେ, ଚାକିରି ହେଉ ଅବା ଲେଖାଲେଖି, ଏସବୁ ମୁଁ ଯାହାବି କରୁଛି ତା' ପଛରେ ଭଗବାନଙ୍କ ଆଶୀର୍ବାଦ ଓ ମୋ ପରିବାର ଲୋକଙ୍କର ସହଯୋଗ ଓ ପ୍ରେରଣାକୁ ହିଁ ମୁଁ ଶ୍ରେୟ ଦେବି।

– *ଅନ୍ୱିତା*

# ଅଲଣା ପ୍ରେମରେ ନ ଥାଏ ମଜା, ମନକୁ ମନ ଭାବଇ ରଜା

**ପ୍ରଶ୍ନ**–ଅନେକ ଥର ପ୍ରେମ ନିବେଦନ କରି ଅସଫଳ ହୋଇଛି। ହେଲେ ମୋ ମନରୁ ପ୍ରେମର ନିଶା ଖସୁନାହିଁ। କ'ଣ କରିବି ?

*–ସୁକୁମାର ଦାସ, ବାଲେଶ୍ୱର*

**ଉତ୍ତର:** ଏମିତି ଅଲଣା ପ୍ରେମର କିଛି ଅର୍ଥ ନ ଥାଏ। କାରଣ 'ଅଲଣା ପ୍ରେମରେ ନ ଥାଏ ମଜା, ମନକୁ ମନ ଭାବଇ ରଜା'। ଯାହା ଜଣାପଡୁଛି ଆପଣ ପ୍ରେମର ପ୍ରପର ଫର୍ମୁଲା ଅନୁସରଣ କରୁନାହାନ୍ତି। ପ୍ରେମ କରିବାକୁ ଯଦି ମନ ହୋଇଛି, ତେବେ ଏମିତି ଉତାବିଳା ହେଲେ ଚଳିବ ? ଏହି ରାସ୍ତାରେ ଦେଖି ଚାହିଁ ପାଦ ପକାନ୍ତୁ। ନ ହେଲେ ଏମିତି ପ୍ରେମ ନିବେଦନ କରି କେବଳ ଅସଫଳ ହେଉଥିବେ।

**ପ୍ରଶ୍ନ**–ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। ଏହାର ଅର୍ଥ ସେ କ'ଣ ମୋତେ ପ୍ରେମ କରୁଛି ?

*–ଅଜିତ କୁମାର ସାହୁ, ବ୍ରହ୍ମପୁର*

**ଉତ୍ତର:** ଆପଣଙ୍କ କଥା ଶୁଣି ସେ ହସି ଦେଉଛି ଅର୍ଥ ଆପଣଙ୍କ ପ୍ରେମିକା ମନରେ କେଉଁଠି ନା କେଉଁଠି ଆପଣଙ୍କ ପାଇଁ ଜାଗାଟିଏ ରହିଛି। ହେଲେ ସେହି ସୁନ୍ଦରୀ ଇସାରାକୁ ଆପଣ ବୁଝି ପାରିଲେ ହେଲା। କଥାରେ ପରା ଅଛି 'ସମଝଦାର୍ ଆଦମୀକୋ ଇସାରା କାଫି ହୈ'। ତେଣୁ ସମୟ ସୁବିଧା ଦେଖି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**–ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। ସେ କେବେ ତାହାର ମନ କଥା ମୋତେ କହିବ ?

*–ପ୍ରବୋଧ କୁମାର, କଟକ*

**ଉତ୍ତର:** ସେ ଝିଅଟି ଆପଣଙ୍କ 'ଆଇ ଲଭ୍ ୟୁ' ଶୁଣି କିଛି କହିବାକୁ ଚାହୁଁଛି, ହେଲେ କହି ପାରୁନାହିଁ। ତାହାର ସେହି କଥାରେ ହିଁ ଆପଣଙ୍କ ପ୍ରଶ୍ନର ଉତ୍ତର ଲୁଚି ରହିଛି। ହେଲେ ତାହାର ଭାବଭଙ୍ଗୀ, ଚାହାଣୀକୁ ଭଲ ଭାବରେ ତର୍ଜମା କରନ୍ତୁ ନା ! ଯଦି ସେଥିରୁ ପ୍ରେମର ଆଭାସ ପାଉଛନ୍ତି ତେବେ ଡେରି କରନ୍ତୁ ନାହିଁ। କାରଣ ଡେରି ହେଲେ ହୁଏତ ଚାନ୍ସଟା ହାତରୁ ଖସି ଯାଇପାରେ !

**ପ୍ରଶ୍ନ**–ଯେଉଁ ଝିଅ ଲାଜେଇ ଲାଜେଇ ଚାହେଁ, ସେଥିରେ କ'ଣ ପ୍ରେମ ଲୁଚି ରହିଥାଏ ?

*–ବିକ୍ରାନ୍ତ କୁମାର, ରାଉରକେଲା*

**ଉତ୍ତର:** ସୁନ୍ଦରୀର ଲାଜୁଆ ଚାହାଣୀରେ ଅନେକ କଥା ଲୁଚି ରହିଥାଏ। କାରଣ ସେହି ଚୋରା ଚାହାଣୀକୁ ଯଦି ଠିକ୍ ଭାବରେ ପଢ଼ି ପାରିଲେ ତେବେ ସେଥିରୁ କିଛି ଜାଣିପାରିବେ। ସେହି ଲାଜକୁ ଯଦି ଭଲ ଭାବରେ ବିଶ୍ଳେଷଣ କରନ୍ତି ତେବେ ତାହାର ଅସଲ ଅର୍ଥ ଜାଣିପାରିବେ। ଯଦି ସେପଟୁ ପାଣିପାଗ ଠିକ୍ ଅଛି, ତେବେ ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେ ଯେମିତି ଏକାଥରେ ସେ ସୁନ୍ଦରୀ ହୃଦୟର ଗୋଟିଏ କୋଣରେ ଆପଣ ପରମାନେଣ୍ଟ ଘର କରିପାରିବେ।

**ପ୍ରଶ୍ନ**–ମୁଁ କଲେଜରେ ପଢ଼ିବା ସମୟରେ ଜଣେ ଝିଅ ପ୍ରେମରେ ପଡିଯାଇଥିଲି। ଏବେ ସେ ମୋତେ ଧୋକା ଦେଇ ଚାଲିଗଲା। ମୁଁ ଏବେ କ'ଣ କରିବି ?

*–ସୁମନ, କେନ୍ଦ୍ରାପଡା*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ପ୍ରେମରେ ପଡିଗଲେ, ସେତେବେଳ ସେପଟୁ ଗ୍ରୀନ୍ ସିଗନାଲ୍ ଥିଲା ତ ? ଯଦି ନ ଥିଲା ତେବେ ଆପଣ ବୋଧହୁଏ ଏକତରଫା ପ୍ରେମ କରୁଥିଲେ। କାରଣ କଲେଜ ପଢ଼ିବାର ପ୍ରଥମ ପାହାଚରେ ମନ ଖାଲି ପ୍ରେମ କରିବାକୁ କୁତୁକୁତୁ ହେଉଥାଏ। ସେତିକିବେଳେ ଯଦି ନବୁଝି ରଂ ନମ୍ବର ଡାଏଲ କରିଦେଲେ ତେବେ ତାହାର ଫଳ ଆପଣ ହିଁ ଭୋଗିବେ। ଏବେ ତ ସେ ଝିଅ ଆପଣଙ୍କୁ ଧୋକା ଦେଇ ଚାଲିଗଲାଣି। ତେଣୁ ଆଉ ସେ ବିଷୟରେ ଚିନ୍ତା କରି କିଛି ଲାଭ ନାହିଁ। ବୋହି ଯିବା ପାଣି ଏବଂ ଧନୁରୁ ତୀର ଖସିଯିବା ପରେ ତାହା କ'ଣ କେବେ ଫେରିଆସେ ? ତେଣୁ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ଭୁଲିଯିବେ ତାହା ଆପଣଙ୍କ ପାଇଁ ଭଲ ହେବ।





# କଳା କାରିଗର ସଞ୍ଜୟ

**କାଠର କଠିନ ଆବରଣ ଉପରେ କଳାର କୋମଳ ଫୁଲ ଫୁଟେଇ ପାରୁଥିବା ପିତାଙ୍କଠାରୁ ମିଳିଛି ତାଙ୍କୁ ଚିତ୍ରକଳାର ଆତ୍ମା । ତହିଁରେ ସଞ୍ଜୟ ଭରନ୍ତି ନିଜ କାରିଗରୀର ଅଭିନବତ୍ୱ ଓ ନିଆରା କୌଶଳ। ରୂପ ଦିଅନ୍ତି ଆପଣା ସ୍ୱପ୍ନକୁ ନିଜ ନିଷ୍ଠା ଓ କଠୋର ଅଧ୍ୟବସାୟରେ ...**



ଅନ୍ତଃସତ୍ତାରେ ଜନ୍ମ ନେଇଥିବା କାରିଗରୀକୁ ବଂଶାନୁଗୁଣ ଏବଂ ପରିବେଷ୍ଟନୀ ତିଆରି କରେ। କଳାକାରଟିଏ କଳାକାରକୁ ଜନ୍ମ ଦିଏ ; ଯାହା ସ୍ୱତଃ ଘଟିଛି ଚିତ୍ରକର ସଞ୍ଜୟ ରାଉଳଙ୍କ କ୍ଷେତ୍ରରେ। ପିତା ଲକ୍ଷ୍ମୀନାରାୟଣ ରାଉଳଙ୍କର କଳାତ୍ମକତାକୁ ପୁଅଟି କେବଳ ଉତ୍ତରାଧୀକାର ସୂତ୍ରରେ ପାଇନି ବରଂ ତାକୁ ପ୍ରାଣକରି, ସାଧନା କରି ନିଜ ଜୀବନକୁ ସମୟ ଅନୁଯାୟୀ ଢାଞ୍ଚାରେ ପକେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। କାଠର କଠିନ ଆବରଣ ଉପରେ କଳାର କୋମଳ ଫୁଲ ଫୁଟେଇ ପାରୁଥିବା ପିତାଙ୍କଠାରୁ ମିଳିଛି ତାଙ୍କୁ ଚିତ୍ରକଳାର ଆତ୍ମା । ତହିଁରେ ସଞ୍ଜୟ ଭରନ୍ତି ନିଜ କାରିଗରୀର ଅଭିନବତ୍ୱ ଓ ନିଆରା କୌଶଳ। ରୂପ ଦିଅନ୍ତି ଆପଣା ସ୍ୱପ୍ନକୁ ନିଜ ନିଷ୍ଠା ଓ କଠୋର ଅଧ୍ୟବସାୟରେ । ସଞ୍ଜୟ ରାଉଳଙ୍କ ଜନ୍ମ ୪ ଫେବୃଆରୀ ୧୯୯୫ମସିହାରେ ବାଲେଶ୍ୱର ଜିଲାର ନାମ୍ପୋ ଗ୍ରାମରେ। ଜଣେ ମେଧାବୀ ଛାତ୍ର ହିସାବରେ ସ୍ଥାପତ୍ୟ କଳାରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିବା ସଞ୍ଜୟ ଏବେ ସରକାରୀ ସ୍କୁଲ୍‌ରେ କଳା ଶିକ୍ଷକ ଭାବରେ କାମ କରନ୍ତି ସତ ଶିଳ୍ପୀମନ କିନ୍ତୁ ତାଙ୍କ ଓଡ଼ିଆତ୍ୱକୁ ନେଇ ବିଶ୍ୱ ଦରବାରରେ ପ୍ରସିଦ୍ଧି ଏବଂ ପ୍ରତିଷ୍ଠା ଆଣିବା। କଳାକୁ ଜୀବନର ଏକ ପ୍ରମୁଖ ଅଙ୍ଗ ଭାବରେ ଆଦରି ନେଇଥିବା ସଞ୍ଜୟ ଆଞ୍ଚଳିକ ସ୍ତରରେ ନୁହେଁ ରାଜ୍ୟ, ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଜଳରଙ୍ଗ, ସ୍ଥାପତ୍ୟ, ଅଏଲ ଆଦି ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ଅର୍ଜନ କରିଛନ୍ତି। କଳା କେନ୍ଦ୍ର ଜମ୍ମୁ କାଶ୍ମୀର, ଉତ୍ତରପ୍ରଦେଶର ଗୋରଖପୁର, ଏକାଡେମୀ ଅଫ୍ ଫାଇନ୍ ଆର୍ଟ ଅମୃତସର, ପଞ୍ଜାବ, ମର୍ଡନଆର୍ଟ ଗ୍ୟାଲେରୀ ଭୁବନେଶ୍ୱର ଆଦି ସ୍ଥାନରେ ବିଭିନ୍ନ ଗ୍ରୁପ ମାଧ୍ୟମରେ ଗ୍ରୁପ ଏକଜିବିଶନ, ଏମ୍ କେ ପି କଲେଜ ଗ୍ରୁପ ଏକଜିବିଶନ, ଡେରାଡୁନ, ବିର୍ଲା ଆର୍ଟ ଏକାଡେମୀ କୋଲକାତା ଦ୍ୱାରା ଅଲ ଇଣ୍ଡିଆ ଏକଜିବିଶନ, ବମ୍ବେ ଆର୍ଟ ସୋସାଇଟି , ୨୭ଆର୍ଟ ପଏଣ୍ଟ ଯୋଧପୁର , ରାଜସ୍ଥାନ ଆଦି ଅନେକ ପ୍ରମୁଖ ସ୍ଥାନରେ ସଞ୍ଜୟ ଦଳଗତ କଳା ପ୍ରଦର୍ଶନ କରି ଯଶ ଖ୍ୟାତି ସାଉଁଟିଛନ୍ତି। କଲିକତା ସରକାରୀ ଚାରୁ କାରୁକଳା ମହାବିଦ୍ୟାଳୟ ତରଫରୁ ୧୫୩ତମ ଓ ୧୫୪ତମ ବାର୍ଷିକ ପରମ୍ପରା ପୁରସ୍କାର, ବିର୍ସା ବିହାର ଆର୍ଟ ସୋସାଇଟି, ପଞ୍ଜାବ ତରଫରୁ ସର୍ବଭାରତୀୟ ପୁରସ୍କାର, ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ, ବାଲେଶ୍ୱରରୁ ନୀଳକଣ୍ଠ ମେମୋରିଆଲ ପୁରସ୍କାର, ଶିଳ୍ପୀ ବିପ୍ରଚରଣ ମେମୋରିଆଲ ପୁରସ୍କାର, ଇନ୍‌ଟାକ୍ ତରଫରୁ ଆୟୋଜିତ ବାଲେଶ୍ୱର ଐତିହ୍ୟ ପୁରସ୍କାର, ଜଳେଶ୍ୱର ମହୋତ୍ସବ ସମ୍ମାନ , ଓଡିଶା ଲଳିତକଳା ଏକାଡେମୀ ତରଫରୁ କନିଷ୍ଠ ବିଭାଗରେ ସ୍ୱତନ୍ତ୍ର ସମ୍ମାନ ଭଳି ଅନେକ ପୁରସ୍କାର ଏବଂ ସମ୍ମାନ ହାସଲ କରିଛନ୍ତି ସଞ୍ଜୟ। ବାପା କରୁଥିବା କାଠ ଖୋଦେଇ ସୂକ୍ଷ୍ମ କମକୂଟ ଦେଖିସ୍ ଆଶ୍ଚର୍ଯ୍ୟ ହେଉଥିଲେ ସଞ୍ଜୟ। ପ୍ରକାରାନ୍ତରେ ସେମିତି କିଛି ଅଙ୍କିବାକୁ ଇଚ୍ଛା କରିଥିଲେ ସେହି ପିଲାଦିନେ। ସମୟକ୍ରମେ ଯୁକ୍ତ ଦୁଇରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲାପରେ କକାଙ୍କ ଜଣେ ସାଙ୍ଗ ଯିଏ କି ବାଲେଶ୍ୱର ଆର୍ଟ କଲେଜରେ ଅଧ୍ୟାପକ ଥିଲେ ସେ କଳାକୁ ବିଷୟ କରି ଶିକ୍ଷା ହାସଲ କଲେ ଶୀଘ୍ର ରୋଜଗାରକ୍ଷମ ହୋଇପାରିବ ବୋଲି ବୁଝେଇଲେ ତାଙ୍କୁ। ୨୦୧୨ରୁ ସେହି ଆର୍ଟ କଲେଜରେ ପଢା ଆରମ୍ଭ ହେଲା। ୨୦୧୬ରେ sculpture departmentରେ ୪ବର୍ଷର ଡିଗ୍ରୀ ସରିବା ପରେ କଲିକତାର Govt college of art and craft collegeରେ ପ୍ରବେଶିକା ପରୀକ୍ଷା ଦେଲେ ସେ ସ୍ନାତକୋତ୍ତର କରିବା ପାଇଁ। ପ୍ରବେଶିକାରେ ଉତ୍ତୀର୍ଣ୍ଣ ହେବା ପରେ ଦୁଇବର୍ଷ ସେଠାରେ modelling and sculpture ବିଭାଗରେ ଶିକ୍ଷା ହାସଲ କଲେ। ଜଳରଙ୍ଗରେ ଚିତ୍ର କରିବାରେ ସଞ୍ଜୟଙ୍କର ରହିଛି ଅପୂର୍ବ ପାରଦର୍ଶିତା। ଗାଁର ଦୈନନ୍ଦିନ ଜୀବନଶୈଳୀର ଦୃଶ୍ୟ, ଐତିହ୍ୟ ଓ ସଂସ୍କୃତିକୁ ଧରି ରଖିଥିବା ଚିତ୍ର ଇତ୍ୟାଦିକୁ ଆଙ୍କିବାକୁ ଆଗ୍ରହ ଦେଖାନ୍ତି ସେ। ସେହିଭଳି ଅନେକ ଚିତ୍ର ଆଙ୍କି ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପୁରସ୍କାର ଏବଂ ସମ୍ମାନ ହାସଲ କରିଛନ୍ତି ସଞ୍ଜୟ। ତୈଳଚିତ୍ର, ପ୍ରତିକୃତି ଅଙ୍କନ, କାଷ୍ଠ ଖୋଦେଇ ଚିତ୍ର , ମନ୍ଦିରର ମୂର୍ତ୍ତି , ମାଟି , ବ୍ରୋଞ୍ଜ , ଫାଇଭର , ସିମେଣ୍ଟ , ଚକଖଡ଼ିରେ ପ୍ରତିକୃତି ନିର୍ମାଣ ଭଳି ପେଶାଦାର କାମ ସେ ନିଖୁଣ ଢଙ୍ଗରେ କରନ୍ତି। ସ୍ଥାପତ୍ୟ କାମରେ(Sculpture) ଆଧୁନିକତାର ଛୁଆଁ ଦେଇ କାମ କରନ୍ତି ସଞ୍ଜୟ। କୌଣସି ଘଟଣା ସମ୍ପର୍କରେ ଅବଗତ ହେବାପରେ ଯେଉଁ ଘଟଣା ସବୁ ତାଙ୍କୁ ବେଶି ପ୍ରଭାବିତ କରେ ସେଇ ଘଟଣାକୁ ମନମସ୍ତିଷ୍କରେ ବେଶିଦିନ କସରତ କରି କରି ତାକୁ କେଉଁ ମାଧ୍ୟମରେ ଘଟଣା ସହ ଯୋଡି ହେଇପାରିବ ତାକୁ ସ୍ଥିର କରିବା ପରେ ସେ କାମ କରନ୍ତି ବୋଲି କୁହନ୍ତି। ତାଙ୍କ ପାଇଁ ମାଧ୍ୟମ ( medium) ନିର୍ବାଚନ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କୁହନ୍ତି। ନିର୍ବାଚିତ କରି ସରିଲା ପରେ ସ୍ଥାପତ୍ୟର ରୂପ ଦିଅନ୍ତି। ମନକୁ ନଛୁଇଁଲା ଯାଏଁ ସେ ବାରମ୍ବାର ଭାଙ୍ଗି ଗଢୁଥାନ୍ତି ତାଙ୍କ ସ୍ଥିରୀକୃତ କାମ ; ଯାହା ତାଙ୍କ କାମର ନିଖୁଣତାକୁ ଦର୍ଶାଏ।

















ସୁନୀତା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ:ଓଡିଶା ଫ୍ୟାଶନଭିଲ୍ଲା।

## ହାଃ ହାଃ

### ଖାଇବା ଜିନିଷ

ସ୍ତ୍ରୀ ମାର୍କେଟରୁ ଫେରିବା ବେଳେ ହାତରେ ଏକ ପଲିଥିନ ଧରିଥାନ୍ତି। ତାକୁ ଦେଖି ସ୍ୱାମୀ: ମତେ ଲାଗୁଛି ମାର୍କେଟରୁ ତମେ ମୋ ପାଇଁ କିଛି ଭଲ ଖାଇବା ଜିନିଷ ଏଇ ପଲିଥିନ୍‌ରେ ଆଣିଛ।
ସ୍ତ୍ରୀ: ଠିକ୍ କହିଲ। ଏଥିରେ ମୋର ନୂଆ ସ୍ୟାଣ୍ଡେଲ ଅଛି।

### ତମ ଭଳି

ସ୍ୱାମୀ ସ୍ତ୍ରୀଙ୍କ ଭିତରେ ପ୍ରବଳ ଝଗଡ଼ା ଚାଲିଥାଏ। ସ୍ୱାମୀ ରାଗିକି: ତୁମ ଭଳି ଶହେଜଣ ମତେ ମିଳିଯିବେ ?
ସ୍ତ୍ରୀ ହସିକି: ଏବେବି ମୋରି ଭଳି ତମକୁ ଦରକାର ? ସତରେ ତମେ ମତେ କେତେ ଭଲ ପାଅ।

### ପୁରୁଣା ଦିନ

ବହୁ ବର୍ଷ ପୂର୍ବେ ପ୍ରେମ ବିବାହ କରିଥିବା ୭୦ ବର୍ଷ ବୟସ୍କ ରାମବାବୁ ତାଙ୍କର ୬୫ ବର୍ଷ ବୟସ୍କା ସ୍ତ୍ରୀ ରାଧାଙ୍କୁ–ତମର ମନେ ଅଛି, ଆମେ କେମିତି ଘରୁ ଲୁଚି ଲୁଚି ଆସି ଦେଖା କରୁଥଲେ।
ରାମବାବୁଙ୍କ ସ୍ତ୍ରୀ– ହଁ। ଆମେ ପୁଣିଥରେ ସେମିତି ଲୁଚି ଲୁଚି ଦେଖାହେବା କି ?
ରାମବାବୁ: ହଁ, ବଢ଼ିଆ ମଜା ହେବ। ତମେ କାଲି ଠିକ୍ ସନ୍ଧ୍ୟା ୬ଟାରେ ମତେ ପାର୍କରେ ଦେଖା କରିବ।
ରାଧା–ହଉ।
ରାମବାବୁ ପରଦିନ ସନ୍ଧ୍ୟାରେ ଅନେକ ସମୟ ଅପେକ୍ଷା କରିବା ପରେ ବି ରାଧା ଆସିଲେନି।
ଘରକୁ ଯାଇ ରାମବାବୁ ରାଧାଙ୍କୁ: ତମେ ମତେ ଦେଖାକରିବାକୁ କାହିଁକି ଆସିଲନି।
ରାଧା: କେମିତି ଆସିଥାନ୍ତି, ମୋ ମା' ପରା ମତେ ଜମାରୁ ଛାଡ଼ିଲାନି।







# ଧାର୍ମିକସ୍ଥଳୀ ଧର୍ମଶାଳା

**ହିମାଚଳ ପ୍ରଦେଶର ଏକ ଧାର୍ମିକସ୍ଥଳୀ ଭାବେ ଧର୍ମଶାଳାର ବେଶ୍ ନାଁ ରହିଛି ଦେଶ ବିଦେଶରେ। କାରଣ ଏଠାରେ ରହିଛି ମୈକଲୋଡ଼ଗଞ୍ଜ ନାମକ ଏକ ତୀର୍ଥସ୍ଥଳୀ; ଯେଉଁଠାରେ ମୁଖ୍ୟତଃ ତିବ୍ବତୀୟମାନଙ୍କ ଧାର୍ମିକ ଭାବଧାରାକୁ ବୁଝିବାର ଅନେକ ସୁଯୋଗ ମିଳିଥାଏ...**





ହିମାଚଳ ପ୍ରଦେଶର କାଙ୍ଗରା ଜିଲା ଅନ୍ତର୍ଗତ ଏକ ନଗର ହେଉଛି ଧର୍ମଶାଳା। ଏହା ଜିଲାର ମୁଖ୍ୟାଳୟ ମଧ୍ୟ। ତା'ଛଡ଼ା ଏହାକୁ ହିମାଚଳ ପ୍ରଦେଶର ଶୀତକାଳୀନ ରାଜଧାନୀ ବୋଲି ମଧ୍ୟ କୁହାଯାଇଥାଏ। କାରଣ ଶୀତଦିନେ ଏଠାକାର ସୌନ୍ଦର୍ଯ୍ୟ ହୋଇଥାଏ ବେଶ୍ ଆକର୍ଷଣୀୟ। ତା'ଛଡ଼ା ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଯେମିତି ମନୋମୁଗ୍ଧକର ସେମିତି ଆକର୍ଷଣୀୟ ଏହି ନଗର ଅନ୍ତର୍ଗତ ପର୍ଯ୍ୟଟନସ୍ଥଳୀଗୁଡ଼ିକ। ଖାସ୍ ସେଥିପାଇଁ ତ ବର୍ଷକ ବାରମାସ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥାଏ।

**କ'ଣ ଦେଖିବେ**

ଧର୍ମଶାଳା ତିବ୍ବତୀୟ ଶରଣାର୍ଥୀଙ୍କର ଏକ ସୁରକ୍ଷିତ ନିବାସ ସ୍ଥାନ ଭାବେ ପରିଚିତ। ମୈକଲୋଡ଼ଗଞ୍ଜ ବା ମକଲୋଡ଼ଗଞ୍ଜ ହେଉଛି ଏଠାକାର ଏକ ପ୍ରମୁଖ ତୀର୍ଥସ୍ଥଳୀ। ଏହା ହିମାଚଳପ୍ରଦେଶର କାଙ୍ଗରା ଜିଲାସ୍ଥିତ ଧର୍ମଶାଳା ନଗରର ଏକ ଉପନଗର । ଏଠାରେ ମୁଖ୍ୟତଃ ବିସ୍ଥାପିତ ତିବ୍ବତୀୟମାନଙ୍କୁ ବସବାସ କରୁଥିବାର ଦେଖିବାକୁ ମିଳିଥାଏ। ଏଠାକୁ ଗଲେ ତିବ୍ବତୀୟମାନଙ୍କ ସମ୍ପର୍କରେ ଏବଂ ତାଙ୍କର ଧର୍ମ, ଜ୍ଞାନ ବିଷୟରେ ଅନେକ ଅଜଣା କଥା ଜାଣିବାର ସୁଯୋଗ ମିଳିଥାଏ। ସେହିପରି ଧର୍ମଶାଳାରେ ରହିଛି ଐତିହାସିକ ଡାଲ୍ ହ୍ରଦ, ଯାହାର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ତା'ଛଡ଼ା ଭାଗସୁ ଜଳପ୍ରପାତ, ଧର୍ମଶାଳା ଉପତ୍ୟକା, ଚିଲ୍‌ଗରି, ଦରି, ବାରୋଲ୍, କଚେହରି ଅଦା, ଖନିୟାର୍, କୋଟ୍‌ୱାଲି ବଜାର୍, ମଣ୍ଟଖାସ୍, ଖେଲ୍ ପରିସର୍, ସିଧ୍‌ବରି, ସିଲା ଚୋକ୍, ଆଗନ୍‌ଜେର୍ ମହାଦେବ ମନ୍ଦିର, ୱାର୍ ମେମୋରିଆଲ୍ ମ୍ୟୁଜିୟମ୍, ଟି ଗାର୍ଡେନ୍ ଚିଲ୍‌ଗରି ଇତ୍ୟାଦି ବି ହେଉଛି ଧର୍ମଶାଳା ଅନ୍ତର୍ଗତ କେତେକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ପର୍ଯ୍ୟଟକ ଚାହିଁଲେ ଏହିସବୁ ସ୍ଥାନ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟିପାରିବେ।



**ଟ୍ରେକିଂର ବି ମଜା ନେଇହେବ**


ଧର୍ମଶାଳାରେ ପର୍ଯ୍ୟଟକ ଚାହିଁଲେ ଟ୍ରେକିଂର ବି ଭରପୂର ମଜା ନେଇପାରିବେ। କାରଣ ଏଠାରେ ଟ୍ରେକିଂ ପାଇଁ ରହିଛି ଅନେକ ସୁବିଧା। ତା'ଛଡ଼ା ରକ୍ କ୍ଲାଇମ୍ବିଂର ନିଆରା ଅନୁଭୂତି ସାଉଁଟିବା ପାଇଁ ବି ଅନେକ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ସ୍ଥାନୀୟ କରେରି ହ୍ରଦ ନିକଟରେ ଥିବା ଏକ ଟ୍ରେକିଂ ଡେଷ୍ଟିନେଶନ ହେଉଛି ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକଙ୍କର ଏକ ପ୍ରିୟ ଟ୍ରେକିଂ ପଏଣ୍ଟ।

**କାଙ୍ଗରା ଚା'ର ଚାହିଦା ବି ନିଆରା**

କାଙ୍ଗରା ଜିଲାରେ ମୁଖ୍ୟତଃ ଧାନ, ଗହମ ଓ ଚା ଚାଷ କରାଯାଇଥାଏ। ଏପରିକି ଧର୍ମଶାଳାରେ ଏକ ଚା ବଗିଚା ମଧ୍ୟ ଥିବାର ଦେଖିବାକୁ ମିଳିଥାଏ। ବିଶେଷକରି କାଙ୍ଗରା ଜିଲାର ନାମାନୁସାରେ ଏଠାରେ ଯେଉଁ ଚା ଉତ୍ପାଦନ କରାଯାଇଥାଏ ତାହାର ନାମ ବି କାଙ୍ଗରା ଚା ରଖାଯାଇଥାଏ। ଆଉ ଏହି ଚା'ର କୁଆଡ଼େ ଦେଶ ବିଦେଶରେ ବେଶ୍ ଚାହିଦା ମଧ୍ୟ ରହିଥାଏ।

**କେବେ ଓ କେମିତି ଯିବେ**

ବର୍ଷର ଯେ କୌଣସି ସମୟରେ ଧର୍ମଶାଳାକୁ ବୁଲିଯିବାର ସୁବିଧା ଥିଲେ ହେଁ ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ବର୍ଷାଦିନକୁ ଛାଡ଼ି ବାକି ଅନ୍ୟ ସମୟ ବିଶେଷକରି ମାର୍ଚ୍ଚରୁ ଜୁନ୍ ଭିତରେ ଏଠାକୁ ବୁଲିଗଲେ ଭ୍ରମଣର ଭରପୂର ଆନନ୍ଦ ଉଠାଇ ହୋଇଥାଏ। ତା'ଛଡ଼ା ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ସୁବିଧା ରହିଛି। କାଙ୍ଗରା ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ଧର୍ମଶାଳାରେ ପହଞ୍ଚି ପାରିବେ।







# ଦେହସାରା ପତାକା ଟାଟୁ

ଦିଲ୍ଲୀର ହର ପ୍ରକାଶ ରିଶି। ବୟସ ୭୫ ବର୍ଷରୁ ଉର୍ଦ୍ଧ୍ୱ। ହେଲେ ତାଙ୍କ ଭିତରେ ଭରି ରହିଛି ରେକର୍ଡ କରିବାର ନିଶା। ଫଳରେ ତାଙ୍କ ନାମରେ ଏବେ ୨୦ରୁ ଉର୍ଦ୍ଧ୍ୱ ଗିନିଜ୍ ୱାର୍ଲଡ ରେକର୍ଡ ରହିଛି। ସେଇଥିପାଇଁ ଅନେକେ ତାଙ୍କୁ 'ଗିନିଜ ରିଶି' ବୋଲି ମଧ୍ୟ ଡାକନ୍ତି। ଏଇ ରେକର୍ଡ ନିଶାରେ ସେ ନିଜ ଦେହରେ ଅନେକ ଟାଟୁ ବି କରାଇଛନ୍ତି। ଆଉ ଏହିସବୁ ଟାଟୁ ବିଭିନ୍ନ ଦେଶର ରାଷ୍ଟ୍ରୀୟ ପତାକାର ଅଟେ। ମୁଣ୍ଡ, ମୁହଁ, ବେକ, ପିଠି, ପେଟ ଆଦି ସ୍ଥାନରେ ସେ ୩୬୬ଟି ପତାକାର ଟାଟୁ କରି ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ଏହାବାଦ ସେ ରେକର୍ଡ ପାଇଁ ଏତେ ପାଗଳ ଯେ, ୪୯୬ଟି ଷ୍ଟ୍ରକୁ ପାଟିରେ ଧରି ରଖିବା ଲାଗି ନିଜର ସବୁ ଦାନ୍ତ ବାହାର କରି ଦେଇଛନ୍ତି। ତା'ସହ ଦିଲ୍ଲୀରୁ ସାନ ଫ୍ରାନ୍‌ସିସ୍କୋସ୍ଥ ରିପ୍‌ଲିସ୍ ବିଲିଭ ଅର ନଟ୍ ମ୍ୟୁଜିୟମକୁ ଯାଇ ପିଜ୍ଜା ଡେଲିଭର୍ କରି ରେକର୍ଡ କରିଛନ୍ତି। ତେବେ ସେ ପ୍ରଥମ ରେକର୍ଡ ନିଜର ଦୁଇ ବନ୍ଧୁଙ୍କ ସହ ସ୍କୁଟରରେ ଅବିରତଭାବେ ୧୦୦୧ ଘଣ୍ଟା ଯାଇ କରିଥିଲେ। ତାପରଠାରୁ ସେ ଅନେକ ଅଜବ ଯୋଜନା କରି ରେକର୍ଡ ପରେ ରେକର୍ଡ କରି ଚାଲିଛନ୍ତି।

## କାର୍ଟୁନ କର୍ନର



# ‘କର୍ମ’ ସହିତ ‘ଯୋଗ’କୁ ଯୋଗ କଲେ....

ଭାଗବତ ଗୀତାର ପ୍ରତିଟି ବିଷୟର ନାଁ ପରେ ‘ଯୋଗ’ ଶବ୍ଦ ରହିଛି । ଯେମିତି କି ‘ଅର୍ଜୁନ ବିଷାଦ ଯୋଗ’, ‘ଭକ୍ତି ଯୋଗ’, ‘ଜ୍ଞାନ ଯୋଗ’ ଇତ୍ୟାଦି । ଅନେକ ଜିଜ୍ଞାସୁ ପ୍ରଶ୍ନ କରନ୍ତି ଭାଗବତରେ ରହିଲା ‘ଅଧ୍ୟାୟ’, ଗୀତାରେ ରହିଲା ‘ଯୋଗ’, ରାମଚରିତ ମାନସରେ ରହିଲା ‘କାଣ୍ଡ’ । ଆଉ ବି କେହି କେହି ମହାପୁରୁଷ ତାଙ୍କ ଲିଖିତ ବିଷୟକୁ ‘ଖଣ୍ଡ’, ‘ପଟଳ’, ‘ବୋଲି’ ଆଦି ଶବ୍ଦ ଦ୍ୱାରା ନାମକରଣ କରିଥାନ୍ତି । ଏପରି କାହିଁକି ? ବିଶେଷ କରି ଗୀତାରେ ବ୍ୟବହାର ହୋଇଥିବା ‘ଯୋଗ’ ଶବ୍ଦକୁ ନେଇ ଆଧ୍ୟାତ୍ମିକ ଅନୁସନ୍ଧିତ୍ସୁମାନଙ୍କ ମହଲରେ ବେଶ୍ ଚର୍ଚ୍ଚା ହୋଇଥାଏ । ଗୀତା ହେଉଛି ‘ପ୍ରସ୍ଥାନ ତ୍ରୟୀ’ର ଅଂଶବିଶେଷ । ତେଣୁ ଏଥିରେ ପ୍ରୟୋଗ ହୋଇଥିବା ‘ଯୋଗ’ ଶବ୍ଦଟି ଅତ୍ୟନ୍ତ ଗୁରୁତ୍ୱ ବହନ କରେ ।

ତେଣୁ ସରଳ ଭାବରେ ଏତିକି କୁହାଯାଇ ପାରେ ଯେ ଯୋଡ଼ିବା ଅର୍ଥକୁ ନେଇ ‘ଯୋଗ’ ଶବ୍ଦ ବ୍ୟବହୃତ ହୋଇଛି । ଏବେ ପ୍ରଶ୍ନ ଉଠିବ – କ’ଣ ଯୋଡ଼ିବ ? କାହାକୁ କାହା ସହ ଯୋଡ଼ିବ ? କେମିତି ଯୋଡ଼ିବ ଇତ୍ୟାଦି ଅନେକ କଥା ।

ଏହାର ବି ଉତ୍ତର ଅଛି । ମଣିଷକୁ ଭଗବାନଙ୍କ ସହ ମିଶାଇବା ହିଁ ‘ଯୋଗ’ । ପ୍ରତ୍ୟେକ ମଣିଷର ପରମ ଲକ୍ଷ୍ୟ ହେଉଛି ଈଶ୍ୱରପ୍ରାପ୍ତି । ସେ ପରା ସେଇ



**ଚିନ୍ମୟ ଚିନ୍ତନ**

ଶ୍ରୀ ସନ୍ୟାସୀ

ଈଶ୍ୱରଙ୍କ ନିକଟରୁ ଆସିଛି । ଶେଷରେ ସେ ଈଶ୍ୱରଙ୍କ ପାଖକୁ ହିଁ ଯିବ । କିନ୍ତୁ ମଝିରେ ମାୟା ସଂସାରରେ ବାୟା ହୋଇ ପଥ ହୁଡ଼ିଯାଏ । ବାଟ ପାଏନି । ବିଷୟା ରସକୁ ଆକଣ୍ଠ ପାନ କରି ସେ ଏତେ ମତ୍ତ ହୋଇଯାଇଥାଏ ଯେ, ସେ ଧ୍ୟାନ, ଧାରଣା, ସତ୍‌ସଙ୍ଗ, ସାଧନା, ଭଜନ ବା ପ୍ରାଣାୟାମ କରିବାକୁ ଚାହିଁଲେ ବି, ଇଚ୍ଛା ଥିଲେ ବି କରି ପାରେନା । ଠିକ୍ ଏଇ ସମୟରେ ଗୀତା, ଭାଗବତ ବାଣୀ କାନରେ ପଡ଼େ । ହେ ମଣିଷ ! ବାଟଭୁଲା ହୁଅନା । କର୍ମ ଯୋଗ, ଭକ୍ତିଯୋଗ ବା ଜ୍ଞାନ ଯୋଗକୁ ଆପଣାଅ । ନ ହେଲେ ନର୍କ କୁ ଯିବୁ – ଏ ଚେତନା ପାଇ ସାରିବା ପରେ ସେ ଟିକେ ପ୍ରକୃତିସ୍ଥ ହୁଏ । କେହି କେହି ପାପ ପଙ୍କରୁ ଧଡ଼ପଡ ହୋଇ ଉଠିପଡନ୍ତି । ନିଜ ମନ ପସନ୍ଦର ମାର୍ଗ ବା ଧର୍ମଗୁରୁଙ୍କୁ ଧରି ବାଟ ଚାଲନ୍ତି । ଆଉ କେହି କେହି ସେଇ ପାପ ପଙ୍କ ଭିତରେ ଘୁସୁରି ପରି ବୁଡି ରହି ଥାଆନ୍ତି ମରଣ ପର୍ଯ୍ୟନ୍ତ ।

ଅନେକେ ଭାବନ୍ତି ‘ଯୋଗ’ ଶବ୍ଦର ଅର୍ଥ ଯଦି ଯୋଡ଼ିବା ବା ଯୁକ୍ତ କରିବା : ତେବେ ଭକ୍ତି ବା ଜ୍ଞାନ ଯୋଗରେ ଈଶ୍ୱର ବିଷୟକ ଭକ୍ତି ବା ଜ୍ଞାନ ଅର୍ଜନ କରିବା ଅର୍ଥଟି ସହଜରେ ବୁଝି ହେଉଥିବା ବେଳେ ‘କର୍ମ ଯୋଗ’ରେ କ’ଣ କେମିତି କର୍ମ କଲେ ମଣିଷ ଈଶ୍ୱରଙ୍କ ସହ ଯୋଗ ବା ଯୁକ୍ତ ହୋଇପାରିବ, ସେକଥାଟି ସହଜରେ ବୁଝି ହୁଏନାହିଁ । ଦୁନିଆରେ ତ ସମସ୍ତେ କର୍ମ କରୁଛନ୍ତି କିନ୍ତୁ ସମସ୍ତେ କର୍ମ ମାଧ୍ୟମ ଦେଇ ଈଶ୍ୱରଙ୍କୁ ପାଇ ପାରୁଛନ୍ତି କି ? ଆଦୌ ନୁହେଁ । ତେବେ କି ପ୍ରକାର ବା କିଭଳି ଭାବରେ କର୍ମ କଲେ ତାହା ଈଶ୍ୱରଙ୍କୁ ପ୍ରୀତ କରିବ ବା ଈଶ୍ୱରଙ୍କୁ ମଣିଷ ପ୍ରାପ୍ତ ହେବ, ତାହା ହିଁ ଆଜିର ଆଲୋଚନାର ବିଷୟବସ୍ତୁ ।

ଜଣେ ମଣିଷ ଭକ୍ତି ବା ଐଶ୍ୱରିକ ଜ୍ଞାନ ହାସଲ ନ କଲେ ସେ ଯେ ବଞ୍ଚିରହି ପାରିବ ନାହିଁ ବା ତା’ର ଭାତ ହଜମ ହେବ ନାହିଁ, ସେକଥା ନୁହଁ, କିନ୍ତୁ ସେ ନିଶ୍ଚିତ ଭାବେ କର୍ମ ମାର୍ଗରେ ରହିବ । କାରଣ କର୍ମ ନ କଲେ ସେ ଖାଇବ କ’ଣ ? ତା’ ପରିବାରକୁ ପୋଷିବ କେମିତି ? ତେଣୁ ତା’ ଜୀବନରେ ସେ ଭକ୍ତଟିଏ ହେଉ ବା ନ ହେଉ, ପାଞ୍ଚ ଲୋକ ତାକୁ ଜ୍ଞାନୀ କୁହନ୍ତୁ ବା ନ କୁହନ୍ତୁ କିମ୍ବା ଭଗବତ ଜ୍ଞାନ ଲାଭ ପାଇଁ ତା’ର ରୁଚି ରହୁ ବା ନ ରହୁ କିନ୍ତୁ ନିଜ ପେଟ ଚାଖଣ୍ଡକ ପାଇଁ ସେ ନିଶ୍ଚେ ଖଟିବ ହିଁ ଖଟିବ । ‘କର୍ମ’ ଶବ୍ଦର ତ ବ୍ୟାପକ ଅର୍ଥ ରହିଛି । ଆମେ ସିଆଡ଼କୁ ଯିବାନି । ଗଲେ ମୁଣ୍ଡ ଖରାପ ହୋଇଯିବ । କର୍ମ ବାବଦରେ ଆଲୋଚନା କଲେ କେଡ଼େ କେଡ଼େ ବିଜ୍ଞ ଜନମାନଙ୍କର ବି ବୁଦ୍ଧି ଅକଲ ଗୁଡୁମ ହୋଇଯାଏ । ସେଥିପାଇଁ ଶାସ୍ତ୍ରରେ କୁହାଗଲା ‘ଗହନା କର୍ମଣ ଗତିଃ’ ଅର୍ଥାତ୍ କର୍ମର ଗତି ଜାଣିବା ଅତି କଠିନ । ଆମେ କେବଳ ଏତିକି ବୁଝିବା ଯେ ଦୈନନ୍ଦିନ ଜୀବନରେ ପେଟ ଆଉ ପରିବାର ଚଳାଇବା ପାଇଁ ଯେଉଁ ସାଂସାରିକ କାର୍ଯ୍ୟ ବା ପରିଶ୍ରମ କରୁ, ତାହା ହିଁ ଆମ ପାଇଁ ‘କର୍ମ’ । ଆମେ ଏଇ କର୍ମର ମାଧ୍ୟମ ଦେଇ କେମିତି ଈଶ୍ୱରଙ୍କୁ ପାଇବୁ ସେ ବାଟ ଟି ହିଁ ଆମକୁ ଲୋଡ଼ା । ସାଂସାରିକ କର୍ମକୁ କର୍ମ ହେବ ଏବଂ ଭଗବତ୍ ଦର୍ଶନ ବି ହେବ । ଦିଅଁ ଦେଖା ହେବ, କଦଳୀ ବି ବିକ୍ରି ହେବ । ହେଲେ ପାଠକେ, ଏ କିଛି ନୂଆ ପ୍ରଶ୍ନ କି କଥା ନୁହେଁ । ଏଭଳି ‘କର୍ମ ଯୋଗ’କୁ ଆଶ୍ରୟ କରି ଅତୀତରେ ଅନେକ ଭକ୍ତ ଈଶ୍ୱରଙ୍କୁ ପ୍ରାପ୍ତ ହୋଇସାରିଛନ୍ତି । ପ୍ରତ୍ୟେକ କାର୍ଯ୍ୟ ସହ ଈଶ୍ୱରଙ୍କ ଭାବନାକୁ ଯୋଡିବା ହିଁ ‘କର୍ମ ଯୋଗ’ । ଜୀବନରେ କିଭଳି ଭାବେ କର୍ମ କରିବ ଏବଂ ସେ କର୍ମ କିଭଳି ଭାବେ ଯୋଗଯୁକ୍ତ ହେବାର ଅଛି ସେ ବାବଦରେ ସେଦିନ ରମଣ ମହର୍ଷି ଉଦାହରଣ ମାଧ୍ୟମରେ ଜଣେ ବାଳକଙ୍କୁ ବୁଝାଇ ଦେଇଥିଲେ ।



ସାତ ଆଠ ବର୍ଷର ବାଳକଟିଏ ସେଦିନ ରମଣ ମହର୍ଷିଙ୍କୁ ପଚାରି ଥିଲା ଠିକ୍ ଏଇ ପ୍ରଶ୍ନ – ମହାରାଜ ! କର୍ମ ଯୋଗ କ’ଣ ? ମୁଁ ମୋ ବାପା ମା’ଙ୍କୁ ଏ ପ୍ରଶ୍ନ ବହୁବାର ପଚାରିଲିଣି । ସବୁଥର ତାଙ୍କ ଉତ୍ତର ରହୁଛି – ଟିକେ ବଡ଼ ହେଇ ଯା । ବୁଝି ପାରିବୁ । ଏ ବୟସରେ ତୁ ଏ ଜଟିଳ କଥା ବୁଝି ପାରିବୁ ନାହିଁ ।

ଆଜ୍ଞା, ପିଲାଟି ଛୋଟ ସିନା କିନ୍ତୁ ପ୍ରଶ୍ନଟି ବଡ଼ । ‘କର୍ମ ଯୋଗ’ ବାବଦରେ ଗୋଟିଏ ଛୋଟିଆ ପିଲାକୁ କେମିତି ବୁଝା ଯାଇପାରେ ? ସେଦିନ କିନ୍ତୁ ରମଣ ମହର୍ଷି ‘ତୁ ଛୋଟପିଲା । ଏ କଥା ତୁ ବୁଝି ପାରିବୁ ନାହିଁ ’ ବୋଲି ପାରମ୍ପରିକ ଉତ୍ତର ଦେଇ ପିଲାଟିର କଅଁଳିଆ ଜିଜ୍ଞାସା ମନକୁ ହତୋତ୍ସାହିତ କରିବା ପରିବର୍ତ୍ତେ ତାକୁ ପାଖରେ ବସାଇ ତା’ ହାତରେ କିଛି ବିସ୍କୁଟ ଧରାଇ ଦେଇ ସେଗୁଡିକୁ ଖାଇବା ପାଇଁ କହିଥିଲେ । ପିଲାଟି ଗୋଟିଏ ବିସ୍କୁଟ ପାଟିକୁ ନେବା ପାଇଁ ଯାଉଥିବା ବେଳେ ମହର୍ଷି କହିଲେ ବାବୁରେ ! ବିସ୍କୁଟ ଖାଇବ ଯେ କିନ୍ତୁ ସର୍ତ୍ତ ଗୋଟିଏ । ସର୍ତ୍ତଟି ହେଉଛି – ତୁମେ ବିସ୍କୁଟ ଖାଇ ଚାଲ । କିନ୍ତୁ ଯେତେବେଳେ ମୁଁ ମୋ ଡାହାଣ ହାତକୁ ଉପରକୁ ଉଠାଇବି ସେତେବେଳକୁ ଯେତେ ବିସ୍କୁଟ ତୁମ ପାଖରେ ବଳିଥିବ, ସବୁତକ ଏକାଥରକେ ପାଟିରେ ପୂରାଇ ଦେବ । କିଛି ବି ବଳକା ରହିବ ନାହିଁ ।

ପିଲାଟି ଏ ସର୍ତ୍ତରେ ମୁଣ୍ଡ ଟୁଙ୍ଗାରି ବିସ୍କୁଟ ଖାଇବା ଆରମ୍ଭ କଲା । କିନ୍ତୁ ଲକ୍ଷ୍ୟ ଥାଏ ମହର୍ଷିଙ୍କ ଡାହାଣ ହାତ ଉପରେ । ମହର୍ଷି ଯଦି ସଙ୍ଗେ ସଙ୍ଗେ ହାତ ଉପରକୁ ଟେକି ଦିଅନ୍ତି ତେବେ ବଳକା ରହିଥିବା ବିସ୍କୁଟଗୁଡିକୁ ଏକାଥରକେ ପାଟିରେ ପୂରାଇବା ମୁସ୍କିଲ ହୋଇପଡ଼ିବ । ଏଇଆ ଭାବି ପିଲାଟି ବିସ୍କୁଟଗୁଡିକୁ ଜଲଦି ଜଲଦି ଗୋଟିଏ ପରେ ଗୋଟିଏ ପାଟିକୁ ପକାଇବାକୁ ଲାଗିଲା । ଭାଗ୍ୟ ଭଲ, ଯେତେବେଳେ ହାତରେ ମାତ୍ର ଗୋଟିଏ ବିସ୍କୁଟ ବଳକା ଥିଲା, ଠିକ୍ ସେଇ ସମୟରେ ମହର୍ଷି ଡାହାଣ ହାତ ଉପରକୁ ଉଠାଇ ଦେଲେ । ପିଲାଟି ଏବେ କାଳ ବିଳମ୍ବ ନ କରି ଚଟ୍‌କିନା ଶେଷ ବିସ୍କୁଟକୁ ଆରାମରେ ପାଟିକୁ ପକେଇ ଦେଲା ।

ସାବାସ ବେଟା... ସାବାସ । ଏବେ ତୁମେ ପରୀକ୍ଷାରେ ପାସ୍ କରିଗଲ । ବିସ୍କୁଟ କେମିତି ଲାଗିଲା ?

– ଭଲ... ସ୍ୱାଦଯୁକ୍ତ ଥିଲା ।

– ଖାଇବା ବେଳେ ତୁମ ଲକ୍ଷ୍ୟ କେଉଁଠି ଥିଲା ?

– ଆପଣଙ୍କ ଡାହାଣ ହାତ ଉପରେ । ଦେଖୁଥିଲି ଏହା କେତେବେଳେ ଉପରକୁ ଉଠିବ ।

ମହର୍ଷି ଏଥର ବୁଝାଇ ଦେଲେ – ଧନରେ ! ବିସ୍କୁଟ ଖାଇବା ବେଳେ ତୁମ ଦୃଷ୍ଟି ଯେଭଳି ଭାବେ ନିରନ୍ତର ମୋ ହାତ ଉପରେ ନିବଦ୍ଧ ଥିଲା ଠିକ୍ ସେମିତି ସଂସାରର ଅନ୍ୟ ସବୁ କାର୍ଯ୍ୟ କରୁଥିବା ବେଳେ ତୁମର ଦୃଷ୍ଟି ଯଦି ଈଶ୍ୱରଙ୍କ ଉପରେ ରୁହେ ତେବେ ତାହା ହିଁ ‘କର୍ମ ଯୋଗ’ । ବିସ୍କୁଟ ଖାଇବା ଏକ ‘କର୍ମ’ । ସଂସାରରେ ରହି ପାଠ ପଢିବା, କୃଷି କରିବା, ଚାକିରି କରିବା ଆଦି ହେଉଛି ‘କର୍ମ ’ । ଏହା ‘କର୍ମ ଯୋଗ’ ନୁହେଁ । କିନ୍ତୁ ଈଶ୍ୱରଙ୍କୁ ସମ୍ମୁଖରେ ବା ଚେତନାରେ ରଖି ଏଗୁଡ଼ିକୁ ଯେତେବେଳେ କରାଯିବ ସେତେବେଳେ ଏହା ‘ଯୋଗ’ ପାଲଟିଯିବ । ଧରାଯାଉ ଗୋଟିଏ ବ୍ୟକ୍ତି ଘରୁ କାର୍ଯ୍ୟାଳୟକୁ ଯିବା ପାଇଁ ଗାଡି ଷ୍ଟାର୍ଟ କଲା । ସେତେବେଳେ ସେ କଳ୍ପନାରେ ଈଶ୍ୱରଙ୍କୁ ଆବାହନ କରି କହିବ ‘ପ୍ରଭୁ ! ଆପଣ ମୋ ସିଟ୍ ପଛରେ ଆସୀନ ହୁଅନ୍ତୁ’ । ବାଟ ସାରା ସେଇ ଚେତନାରେ ଗାଡି ଚଲାଇବା ଉଚିତ । କାର୍ଯ୍ୟାଳୟରେ ପହଞ୍ଚିବା ପରେ ଭାବିବ ପ୍ରଭୁ ! ଆପଣ ଏଇଠି ମୋ ଟେବୁଲ ସାମନାରେ ବସନ୍ତୁ । ଏ ସବୁ କାମ ଆପଣଙ୍କର । ଯେମିତି ନିର୍ଦ୍ଦେଶ ଦେବେ ମୁଁ ସେମିତି କରିବି । ଏହିପରି ଭାବନା ଯଦି ପ୍ରାତଃରୁ ଉଠି ରାତ୍ରିରେ ଶଯ୍ୟାକୁ ଯିବା ପର୍ଯ୍ୟନ୍ତ ରୁହେ, ତେବେ ସମଗ୍ର ଦିନର କାର୍ଯ୍ୟ ଯୋଗମୟ ହୋଇଗଲା ବୋଲି ଜାଣ । ଏଇ ଧାରାରେ କର୍ମ କଲେ ପ୍ରଭୁ ପ୍ରୀତ ହେବେ । ପାପ ସ୍ପର୍ଶ କରିବ ନାହିଁ । ସକଳ କାର୍ଯ୍ୟର ଭୋକ୍ତା କେବଳ ସେ ହିଁ ହେବେ । ଆପଣଙ୍କୁ କେବଳ ନିତ୍ୟାନନ୍ଦ ହିଁ ପ୍ରାପ୍ତ ହେବ । ଏହା ହିଁ ହେଉଛି ଯଥାର୍ଥରେ କର୍ମ ଯୋଗ ।

*– ଦିବ୍ୟାଲୋକ ସନ୍ଧାନେ, ରାମନଗର, ତେଲେଙ୍ଗାପେଣ୍ଠ, କଟକ*

*ମୋ: ୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା


### ହସାରସା ଚଉତିଶା

**ଡ.ରମାକାନ୍ତ ମହାପାତ୍ର**

**ପ୍ରକାଶକ–ନନ୍ଦ କିଶୋର ପବ୍ଲିକେଶନ୍**

**ଭୁବନେଶ୍ୱର, ମୂଲ୍ୟ–୧୪୫ଟଙ୍କା**

ହସାରସା ଚଉତିଶା ରମାକାନ୍ତ ମହାପାତ୍ରଙ୍କ ପୁସ୍ତକ । ଏଥିରେ ୧୦ଟି ଚଉତିଶା ରହିଛି । ପ୍ରଥମ ପ୍ରେମ ଚଉତିଶା ଥିବା ବେଳେ ଶେଷଟି ହେଉଛି ନିଶା ଚଉତିଶା । ଚଉତିଶା ପ୍ରାଚୀନ କବିତାର ଅତ୍ୟନ୍ତ ଲୋକପ୍ରିୟ କାବ୍ୟ ଆଙ୍ଗିକ । ବହୁ ସଂଖ୍ୟାରେ ଚଉତିଶା ରଚିତ ହୋଇଥିବାରୁ ଏହାର ଲୋକାଦୃତି ଶୀର୍ଷରେ ଏଥିରେ ସନ୍ଦେହ ନାହିଁ । ‘କ’ଠାରୁ ‘କ୍ଷ’ ପର୍ଯ୍ୟନ୍ତ ଚଉତିରିଶ ବ୍ୟଞ୍ଜନକୁ ଆଦ୍ୟ ଅନୁପ୍ରାସ କରି ସମୁଦାୟ କବିତା ରଚିତ ହୋଇଥାଏ । ବ୍ୟଙ୍ଗ କବି ରମାକାନ୍ତ ଚଉତିଶାର ଉପାଦେୟତାକୁ ଅନୁଭବ କରିବା ସହ ଆଉ ୧୦ଟି ଚଉତିଶା ରଚନା କରି ଓଡିଆ ଚଉତିଶା ଭଣ୍ଡାରକୁ ସମୃଦ୍ଧ କରିବାକୁ ଚେଷ୍ଟା କରିଛନ୍ତି । କବି ଏଥିରେ ଯେଉଁ ପ୍ରତିଭା ପ୍ରଦର୍ଶନ କରିଛନ୍ତି, ତାହା ଚର୍ଚ୍ଚା ସାପେକ୍ଷ ।




### ନୌକା

**ଲେଖିକା–ମାନସୀ ଦାସ, ପ୍ରକାଶକ–ସୁଧନ୍ୟା ପ୍ରକାଶନୀ**

**ଭୁବନେଶ୍ୱର, ମୂଲ୍ୟ–୧୭୦ଟଙ୍କା**

ନୌକା ଗଳ୍ପ ସଂକଳନର ଲେଖିକା ମାନସୀ ଦାସ । ଏଥିରେ ମୋଟ ୧୮ଟି ଗପ ସ୍ଥାନୀତ ହୋଇଛି । ବିଭିନ୍ନ ଚରିତ୍ରକୁ ନେଇ ୧୨ଗପ ରହିଥିବା ବେଳେ ପୌରାଣିକ ଗପ ୬ଟି ରହିଛି । ପ୍ରଥମ ଗପ ବହିର ନାମକରଣ ଅନୁସାରେ ରହିଛି । ଗପରେ ଥିବା ଚରିତ୍ରଗୁଡିକୁ ଗାଳ୍ପିକା ଅତି ନିଖୁଣ ଭାବେ ଉପସ୍ଥାପିତ କରିଛନ୍ତି । ଯାହା ପ୍ରତିଦିନ ଆମେ ଘରେ ଘରେ ଅଙ୍ଗେ ନିଭାଉଛେ । ଚିଠିରେ ପ୍ରଫୁଲ୍ଲ ଗପ ହେଉ କିମ୍ବା ପୁରାଣ ଗଳ୍ପ ଜନ୍ମ–ମୃତ୍ୟୁ–ଜରା ହେଉ । ଏଗୁଡିକ ଅତି ଚମତ୍କାର ଓ ସୁଖପାଠ୍ୟ ହୋଇଛି । ମାନସୀଙ୍କ କଥା ପରିଧି ଭିତରେ ଆତଜାତ ଚରିତ୍ରଗୁଡିକ ବହୁ ଘାତ ପ୍ରତିଘାତ ଓ ବିରୋଧା ଭାସ ମଧ୍ୟ ଦେଇ ଗତି କରିଥାନ୍ତି । ଆଶା ପୁସ୍ତକଟି ସୁଖପାଠ୍ୟ ହେବ ।




### ଜୀବନ କବିତା କେତେ ଫର୍ଦ୍ଦ

**ଲେଖକ–ଭିକାରୀ ଧଳ**

**ପ୍ରକାଶକ–ଲିପିକା, ଜଟଣୀ, ପୁରୀ, ମୂଲ୍ୟ–୧୫୦ଟଙ୍କା**

ଜୀବନ କବିତା କେତେ ଫର୍ଦ୍ଦ କବିତା ପୁସ୍ତକର ଲେଖକ କବି ଭିକାରୀ ଧଳ । ଏଥିରେ ୪୯ଟି କବିତା ସ୍ଥାନ ପାଇଛି । ଜୀବନ କବିତାର ଗୋଟିଏ ଫର୍ଦ୍ଦ ନାମରେ ଏକ କବିତା ରହିଛି । ଏଥିରେ କବି ଲେଖିଛନ୍ତି, କହିବ ନାହିଁ କାହାକୁ କିଛି/ ମୁଁ କହିଛି ବୋଲି ଖୁସି ବି ହେବନି/ ଦୁଃଖକୁ ଯେତେବେଳେ ବନ୍ଧୁ କରି/ ବାନ୍ଧି ସାରିଲିଣି/ ଭାଇ ବତିଶାଙ୍କ ସାମ୍ନାରେ/ ଫେରେଇ ଦେଲେ କେମିତି ହେବ ? ସବୁ ତମରି ହାତର ଖେଳ । କବିତାରେ କବି ଚମତ୍କାର ଭାବ ଆଉ ଭାବନାର କଥା କହିଛନ୍ତି । ଏଥିରେ ସ୍ଥାନୀତ କବିତାଗୁଡିକ ଜୀବନର ଅତି ଗୁଢ ରହସ୍ୟ ଉପସ୍ଥାପନା କରେ । ଲେଖା ମାଧ୍ୟମରେ କବି ସାମାଜିକ ଜୀବନର କଥା ଓ ମେହେନତି ମଣିଷର ପେଟ ଚିନ୍ତା କରି ସାମାଜିକ ଜୀବନର ଚିତ୍ର ଉପସ୍ଥାପନ କରିଛନ୍ତି । ପୁସ୍ତକଟିର ଭବିଷ୍ୟତ ଉଜ୍ଜ୍ୱଳ ।



ବ୍ୟାକ୍ ପେଜ୍

# ବୟସ ୧୦, ମାସିକ ରୋଜଗାର ୧ କୋଟି

ପିଲାଦିନ ହେଉଛି ଖେଳକୁଦ, ମଜାମସ୍ତି କରିବାର ସମୟ। ହେଲେ ବେଳେବେଳେ କିଛି ପିଲା ଏଇ ବୟସରେ ଏମିତି କିଛି କାମ କରନ୍ତି, ଯାହାକୁ ବଡମାନେ କରିବା ଅସମ୍ଭବ। ଯେମିତିକି ଅଷ୍ଟ୍ରେଲିଆରେ ରହୁଥିବା ୧୦ ବର୍ଷୀୟା ପିକ୍ସି କର୍ଟିସ୍ ଏମିତି କାମ କରି ଦେଖାଇଛନ୍ତି ଯାହାକୁ କୌଣସି ବ୍ୟକ୍ତି କେବଳ ସ୍ୱପ୍ନରେ ଭାବି ପାରିବେ। ପିକ୍ସି ଏକ ପ୍ରାଇମେରୀ ସ୍କୁଲର ଛାତ୍ରୀ। ହେଲେ ଏଇ ବୟସରେ ସେ ଫିଜେଟ୍ସ ଓ ପପିଂ ଖେଳଣା ତିଆରି କରି ବ୍ୟବସାୟ କରୁଛନ୍ତି। ବଜାରରେ ତାଙ୍କର ଏଇ ଖେଳଣାଗୁଡିକର ଚାହିଦା ଆକାଶ ଛୁଆଁ। ଏହାବାଦ ପିକ୍ସିଙ୍କ ନାମରେ ଏକ ହେୟାର ଏକ୍ସେସରୀ ବ୍ରାଣ୍ଡ ବି ଅଛି। ଯେଉଁଥିରେ ବହୁତ



ସୁନ୍ଦର ସୁନ୍ଦର ହେଡବ୍ୟାଣ୍ଡ, କ୍ଲିପ୍ ଓ ଅନ୍ୟାନ୍ୟ ହେୟାର ଆକ୍ସେସରୀ ତିଆରି କରାଯାଇଥାଏ। ଏତେ କମ୍ ବୟସରୁ ପିକ୍ସିଙ୍କ ଭିତରେ ବ୍ୟବସାୟ କରିବାର ଝୁଙ୍କ ଓ ଯୋଜନା ବି ଥିଲା। ତେଣୁ ତାଙ୍କ ମା' ତାଙ୍କୁ ସହଯୋଗ କରିଥିଲେ। ଆଉ ଖେଳଣା ବ୍ୟବସାୟ ଆରମ୍ଭ କରିଥିଲେ। ବ୍ୟବସାୟ ଆରମ୍ଭ ହେବାର ୪୮ ଘଣ୍ଟା ଭିତରେ ହିଁ ତାଙ୍କର ସବୁ ଖେଳଣା ବିକ୍ରି ହୋଇଯାଇଥିଲା। ଏଇ ବଡ଼ ସଫଳତା ତାଙ୍କୁ ଆଗକୁ ବଢ଼ିବାର ପ୍ରେରଣା ଦେଇଥିଲା। ଆଉ ମାସକ ମଧ୍ୟରେ ଟର୍ନଓଭର ୧ କୋଟି ହୋଇଯାଇଥିଲା। ଏହାପରେ ପିକ୍ସି ହେୟାର ଆକ୍ସେସରୀ ବ୍ୟବସାୟକୁ ଓହ୍ଲାଇଥିଲେ। ଯାହାର ନାଁ ସେ ପିକ୍ସି ବୋ' ରଖିଲେ। ଏଇ ହେୟାର ବୋ'ଗୁଡ଼ିକୁ ବି ବହୁତ ପସନ୍ଦ କରାଯାଉଛି। ପିକ୍ସିଙ୍କ ନାଁରେ ଦୁଇ ଦୁଇଟି କମ୍ପାନୀ ରହିଛି। ଆଉ ସେ କୋଟି କୋଟି ଟଙ୍କା ଆୟ କରୁଛନ୍ତି। ତାଙ୍କ ମା' ଯୋଜନା କରିଛନ୍ତି ଯେ, ପିକ୍ସି ୧୫ ବର୍ଷ ବୟସରେ ଅବସର ନେବେ।



# କ୍ୟାଟ୍ କିଣ୍ଡରଗାର୍ଟନ

କିଣ୍ଡରଗାର୍ଟନରେ ପଢୁଥିବା କୁନି କୁନି ପିଲାଙ୍କ ଖୁସି ପାଇଁ ଅନେକ ଖେଳ ସାମଗ୍ରୀ ରଖାଯାଇଥାଏ। ପଢା ଯାଉଥିବା କୋଠରୀଗୁଡ଼ିକୁ ବି ଖୁବ୍ ସୁନ୍ଦରଭାବେ ସଜାଯାଇଥାଏ। ତେବେ ପିଲାଙ୍କୁ ଆକୃଷ୍ଟ କରିବା ତଥା ସେମାନଙ୍କୁ ଖୁସି କରିବା ଲାଗି ଜର୍ମାନୀର କାର୍ଲସ୍ରୁହେରେ ଥିବା ଏକ କିଣ୍ଡରଗାର୍ଟନ୍ ସ୍କୁଲ ଘରକୁ ବେଶ୍ ଆକର୍ଷକ ଡିଜାଇନ୍‌ରେ କରାଯାଇଛି। ଏହି ସ୍କୁଲ ବିଲ୍ଡିଂକୁ ଦେଖିଲେ ଲାଗେ ତାହା ଏକ ବିରାଟକାୟ ଧଳା ରଙ୍ଗର ବିଲେଇ। ଯାହାକୁ ଡିଜାଇନ କରିଛନ୍ତି ଆର୍ଟିଷ୍ଟ ଟମି ଉଙ୍ଗେରର୍ ଏବଂ ଆର୍କିଟେକ୍ଟ ଆୟଲା ସୁଜନ ଏଣ୍ଡଲ। ପିଲାମାନେ ବିଲେଇର ପାଟି ଗିତର ଦେଇ ସ୍କୁଲର କୋଠରୀ ଭିତରକୁ ପ୍ରବେଶ କରନ୍ତି। ବିଲେଇର ପେଟ ଭିତରଟି ପ୍ରାୟ ୧୦୦ ପିଲା ବସି ପଢ଼ିବାର



ସୁବିଧା ରହିଛି। ବିଲ୍ଡିଂର ଡିଜାଇନ ଏଭଳି ହୋଇଛି ଦେଖିଲେ ଲାଗେ ସତେ ଯେମିତି ବଡ ବିଲେଇଟିଏ ଡେଇଁବାକୁ ପୋଜିସନ ନେଇଛି। ଆଉ କେତେବେଳେ ବି ଡେଇଁ ପଡିବ। ବିଲ୍ଡିଂର ଦୁଇ ବଡବଡ ଗୋଲାକାର ଝରକା ବିଲେଇର ଆଖି ପରି ଦେଖାଯାଏ। ବିଲ୍ଡିଂ ପଛଭାଗରେ ହୋଇଥିବା ଲାଞ୍ଜଟି ଏକ ସ୍ଲାଇଡ୍ ଅଟେ। ଏହି ସ୍ଲାଇଡରେ ପିଲାମାନେ ବେଶ୍ ମଜାରେ ଖେଳିଥାନ୍ତି। କ୍ୟାଟ୍ କିଣ୍ଡରଗାର୍ଟନ ଭିତରେ କ୍ଲାସରୁମ୍, କୋଟ୍‌ରୁମ୍, କିଚେନ, ଡାଇନିଂ ରୁମ ଓ ଏକ ମେନ ହଲ୍ ଅଛି।



# ଦୃଷ୍ଟିହୀନା ଫଟୋଗ୍ରାଫର



ଜଣେ ଫଟୋଗ୍ରାଫର ହେବା ପାଇଁ ସବୁଠାରୁ ବଡ ଆବଶ୍ୟକତା ହେଉଛି ଆଖିର। ଏହାବିନା ଫଟୋ ଉଠାଇବା ଅସମ୍ଭବ। କିନ୍ତୁ ଦୁନିଆରେ କିଛି ବି ଅସମ୍ଭବ ନୁହେଁ ବୋଲି ପ୍ରମାଣିତ କରିଛନ୍ତି ମିସରର ମହିଳା ଫଟୋଗ୍ରାଫର ଏସାରା ଇସ୍ମାଇଲ। ସେ ଜନ୍ମରୁ ଦୃଷ୍ଟିହୀନ। ହେଲେ ସେ ନିଜର ପରିଚୟ ଜଣେ ଫଟୋଗ୍ରାଫର ଭାବେ ଗଢିବାରେ ସକ୍ଷମ ହୋଇଛନ୍ତି। ଆଲେକଜାଣ୍ଡ୍ରିଆ ୟୁନିଭର୍ସିଟିର ଫାକଲ୍ଟି ଅଫ୍ ଆର୍ଟସ୍‌ରେ ଆରବିକ୍ ଲାଙ୍ଗୁଏଜ୍ ବିଭାଗରେ ପଢନ୍ତି। ପଢିବା ସମୟରେ ହିଁ ତାଙ୍କର ଫଟୋଗ୍ରାଫି ପାଇଁ ଭଲ ପାଇବା ବଢିଥିଲା। ଆଉ ଏହାକୁ ଶିଖିବା ଲାଗି ବହୁତ କଷ୍ଟ କରିଥିଲେ। ପ୍ରଥମେ ଫଟୋଗ୍ରାଫିର ସବୁ ପଦ୍ଧତି ଶିଖିଲେ। ଏହାପରେ ନିଜର ଇମାଜିନେଶନ୍ ପାୱାରକୁ ଏପରିଭାବେ ବିଲ୍ଡ ଅପ୍ କଲେ ଯେ, ଏବେ ସେ ଯେକୌଣସି ଅବଜେକ୍ଟକୁ ବେଶ ସହଜତାର ସହ କ୍ୟାମେରାରେ ଆବଦ୍ଧ କରିପାରୁଛନ୍ତି। ସାଧାରଣତଃ ସେ ଲୋକଙ୍କ ସହ କଥାବାର୍ତ୍ତା ହେଇ ତାଙ୍କ ପାଟିର ଶବ୍ଦକୁ ବାରି କ୍ୟାମେରାର ଏଙ୍ଗଲ ସେଟ୍ କରନ୍ତି। ଏହାପରେ ସେ ବ୍ୟକ୍ତିଙ୍କଠାରୁ ଦୁଇ ମିଟର ଦୂରକୁ ଯାଇ ଫଟୋଇବା ଆରମ୍ଭ କରନ୍ତି। ଅଟୋମୋଡ ଜରିଆରେ ସେ ଫଟୋ ଉଠାଇଥାନ୍ତି। ପ୍ରଥମେ ଏଭଳି ଫଟୋ ଉଠାଇବାବେଳେ ସେ ଅନେକ ଅସୁବିଧାର ସମ୍ମୁଖିନ ହୋଇଥିଲେ। ଫଟୋର କ୍ୱାଲିଟି ବି ଭଲ ରହୁ ନ ଥିଲା। କିନ୍ତୁ କଠିନ ପରିଶ୍ରମ ଓ ଲଗାତାର ଅଭ୍ୟାସ ପରେ ସେ ଏଥିରେ ସିଦ୍ଧହସ୍ତ ହୋଇଗଲେ। ମିସରର ସେ ହେଉଛନ୍ତି ପ୍ରଥମ ଦୃଷ୍ଟିହୀନ ଫଟୋଗ୍ରାଫର। ତେବେ ଭାରତରେ ବି ଜଣେ ଦୃଷ୍ଟିହୀନ ଫଟୋଗ୍ରାଫର ଅଛନ୍ତି। ତାଙ୍କ ନାମ ହେଉଛି ପ୍ରଣବ ଲାଲ।